ଧରିତ୍ରୀ
DHARITRI
ରବିବାର, ୩ ଏପ୍ରିଲ୍, ୨୦୨୨



## ସଂକ୍ଷେପରେ

### ସ୍ତ୍ରୀଙ୍କୁ ନିର୍ଯାତନା, ଥାନାରେ ମାମଲା

**ବଇଣ୍ଡା,୨।୪(ଡି.ଏନ.ଏ.):** ହଣ୍ଡପା ଥାନା ଗାଁ ବଇଣ୍ଡା ଅଞ୍ଚଳର ସ୍ତ୍ରୀ ଦୀପ୍ତିମୟୀ ଦାସଙ୍କୁ ତାଙ୍କ ସ୍ୱାମୀ ମନୋଜ କୁମାର ଦାସ ନିର୍ଯାତନା ଦେଉଥିବା ଶନିବାର ଅଭିଯୋଗ ହୋଇଛି। ଏ ନେଇ ହଣ୍ଡପା ଥାନାରେ ନଂ. ୮୦/୨୨ରେ ଏକ ମାମଲା ରୁଜୁ କରିଛି। ଦୀପ୍ତିମୟୀ ବର୍ଷେ ପୂର୍ବେ ବୈଦିକ ରୀତିରେ ବିବାହ କରିଥିଲେ। ତେବେ ଶାଶୁଘର ଲୋକେ ତାଙ୍କୁ ଉଭୟ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ମହିଳାଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୨।୪(ଡି.ଏନ.ଏ.):** ହଣ୍ଡପା ଥାନା ଲୁହାମୁଣ୍ଡା ଗ୍ରାମର ଝରଣା ବେହେରାଙ୍କୁ ସ୍ଥାନୀୟ ଅଞ୍ଚଳର ସଂଯୁକ୍ତା ପ୍ରଧାନ ମାଡ଼ ମାରିଥିବା ଶନିବାର ଅଭିଯୋଗ ହୋଇଛି। ଝରଣା ଏବଂ ସଂଯୁକ୍ତାଙ୍କ ମଧ୍ୟରେ କୌଣସି କାରଣରୁ ଶତ୍ରୁତା ଲାଗିରହିଛି। ଝରଣା ଘରେ ଥିବାବେଳେ ସଂଯୁକ୍ତା ତାଙ୍କୁ ଜାତିଆଣ ଆକ୍ଷେପ କରି ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ୮ରୁ ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା

**ଢେଙ୍କାନାଳ ଅଫିସ, ୨।୪:** ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ୍‌ରେ ଆସନ୍ତା ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଢେଙ୍କାନାଳ ଜିଲାର କ୍ରୀଡ଼ାବିତ୍ ସାମିଲ ହେବେ। ଆଶାୟୀମାନେ ଦୁଇଦିନ ମଧ୍ୟରେ ଜିଲା କ୍ରୀଡ଼ା ସଂଘ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ମଧ୍ୟରେ ନାମ ପଞ୍ଜୀକରଣ କରିପାରିବେ ବୋଲି ସଂଘ ସମ୍ପାଦକ ନଳିନୀ କୁମାର ଦାସ ସୂଚନା ଦେଇଛନ୍ତି।

### ଆତ୍ମରକ୍ଷା କୌଶଳ ଅପରିହାର୍ଯ୍ୟ

**କାମାକ୍ଷାନଗର, ୨।୪(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଜିରାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାରଠାରୁ ଆରମ୍ଭ ହୋଇଛି ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର। ଅଧକ୍ଷ ଦ୍ୱିଜରାଜ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ଆତ୍ମରକ୍ଷା କୌଶଳ ଜାଣିବା ଆଜିର ଆବଶ୍ୟକତା। ବିଶେଷ କରି ଛାତ୍ରୀ ଏବଂ ମହିଳାଙ୍କ ପାଇଁ ଏହା ଅପରିହାର୍ଯ୍ୟ ହୋଇପଡ଼ିଛି। ଏହି ଶିବିର ୮ଦିନ ଧରି ଚାଲିବ। ସମସ୍ତେ ଏହାର ସୁଯୋଗ ନେବାକୁ ଅଧକ୍ଷା ନିବେଦନ କରିଛନ୍ତି। ଶ୍ରାବଣୀ ମଲ୍ଲିକ, ରୋଜାଲିନ୍ ପଣ୍ଡା ମାଷ୍ଟର ଟ୍ରେନର ଦାୟିତ୍ୱ ନିର୍ବାହ କରୁଛନ୍ତି। ସଂଯୋଜିକା ମଧୁସ୍ମିତା ସ୍ୱାଇଁ, ପଦ୍ମାଳୟା ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଆଇରନ୍ ପାଇପ୍ ବୋଝେଇ ଟ୍ରକ୍ ଜବତ, ୨ ଗିରଫ

**ଅନୁଗୋଳ ଅଫିସ,୨।୪-** ଅନୁଗୋଳ ସଦର ଥାନା ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଚୋରା କାଷ୍ଟ ଆଇରନ୍ ପାଇପ୍ ବୋଝେଇ ଟ୍ରକ ଜବତ କରିଛି। ଏହି ଘଟଣାରେ ବନ୍ତଳା ଥାନା ରଗୁଡ଼ିଆପଡ଼ାର ସୁକାନ୍ତ ନାଏକ(୨୫) ଓ ପୁରୁଣାଗଡ଼ର ଶୁଭମ୍ ନାଏକ (୨୨)ଙ୍କୁ ଗିରଫ ପରେ କୋର୍ଟଚାଲଣ କରାଯାଇଛି। ଅନ୍ୟ ୨ ଅଭିଯୁକ୍ତ ପୋଲିସକୁ ଦେଖି ଘଟଣାସ୍ଥଳରୁ ଖସି ପଳାଇଛନ୍ତି।

ପୋଲିସ କହିଛି, ସଦର ପୋଲିସ ୫୫ନଂ .ଜାତୀୟ ରାଜପଥର ପଞ୍ଚମହଲାଠାରେ ପାଟ୍ରୋଲିଂ କରୁଥିବା ବେଳେ ଏକ ଟ୍ରକ୍(ଓଆର -୧୯ଜି-୧୪୮୨) ରାସ୍ତାରେ ଅଟକିଥିଲା। ସନ୍ଦେହରେ ପୋଲିସ ଟ୍ରକ ଯାଞ୍ଚ କରି ସେଥିରେ ପ୍ରାୟ ୩୦ଟି କାଷ୍ଟ ଆଇରନ୍ ପାଇପ୍ ଥିବା ଦେଖିବାକୁ ପାଇଥିଲା। ପାଇପର ଉପଯୁକ୍ତ କାଗଜପତ୍ର ଦେଖାଇ ନ ପାରିବାରୁ ସୁକାନ୍ତ ଓ ଶୁଭମଙ୍କୁ ଗିରଫ କରାଯାଇଛି। ଫେରାର ଥିବା ୨ ଅଭିଯୁକ୍ତଙ୍କୁ ଖୁବଶିଘ୍ର ଗିରଫ କରାଯିବ ବୋଲି ଆଇଆଇସି ସତ୍ୟବ୍ରତ ରାଉତ କହିଛନ୍ତି।

# ମଶାଲକୁ ଭବ୍ୟ ସମ୍ବର୍ଦ୍ଧନା

■ସଂକୀର୍ତ୍ତନ ଶୋଭାଯାତ୍ରାରେ ପରିବେଶ କମ୍ପିଲା

■ଆକର୍ଷଣ ସାଜିଲା କଳାକାରଙ୍କ ଲୋକନୃତ୍ୟ

**ବଇଣ୍ଡା/କଣିହାଁ(ଡି.ଏନ୍.ଏ.)/ଛେଣ୍ଡିପଦା (ସ୍ୱ.ପ୍ର.), ୨।୪**


ବଇଣ୍ଡା ଛକରେ ମଶାଲ ଶୋଭାଯାତ୍ରାକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

ନାମ ସଂକୀର୍ତ୍ତନରେ ପ୍ରକମ୍ପିତ ହେଉଥିଲା ପରିବେଶ। କଳାକାରଙ୍କ ଆକର୍ଷଣୀୟ ଲୋକନୃତ୍ୟରେ ଝୁମୁଥିଲେ ଜନତା। ବିଭିନ୍ନ ସ୍ଥାନରେ ଜ୍ୟୋତିକୁ ବନ୍ଦାପନା କରି ଭବ୍ୟ ସମ୍ବର୍ଦ୍ଧନା ଜଣାଉଥିଲେ ମହିଳା। ଅନୁଗୋଳ ଜିଲା ମହୋତ୍ସବ ପାଇଁ ଶନିବାରଠାରୁ ଆରମ୍ଭ ହୋଇଥିବା ମଶାଲ ଶୋଭାଯାତ୍ରାକୁ ନେଇ ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥିଲା ଏଭଳି ପରିବେଶ।

ଆଠମଲ୍ଲିକ ବ୍ଲକ ଦେଉଳଝରିସ୍ଥିତ ପ୍ରସିଦ୍ଧ ଶୈବପୀଠ ବାବା ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ମଶାଲ ଜ୍ୟୋତି ଅନୁଗୋଳ ଅଭିମୁଖେ ବାହାରିଥିଲା। ଆଠମଲ୍ଲିକ ବସଷ୍ଟାଣ୍ଡ, ମା' ମାହେଶ୍ୱରୀ ପୀଠ, ଠାକୁରଗଡ଼, ବନମାଳୀପୁର, କୃତ୍ତିବାସପୁର, ତେନ୍ତୁଳିପଥର, ତିଳେଶ୍ୱର, ଜରପଡା, ଅଙ୍ଗପଡା, ଘୋଷାର, ହିମିତିରା ଆଦି ସ୍ଥାନରେ ମଶାଲକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସେହିପରି କିଶୋରନଗର ବ୍ଲକ ପ୍ରଶାସନ ପକ୍ଷରୁ କିଶୋରନଗର, ବାମୁର, ନାକିଚି, ହଣ୍ଡପା, ବଇଣ୍ଡା କଲେଜ, ବଇଣ୍ଡା ଛକରେ ମଶାଲ ଶୋଭାଯାତ୍ରାକୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଧାୟକ ରମେଶ ଚନ୍ଦ୍ର ସାଏ, ଉପଜିଲାପାଳ ଲଳିତ ମୋହନ ବେହେରା, ସହକାରୀ ଜିଲାପାଳ କୁଳମଣି ଦଳେଇ, ବିଡିଓ ସନ୍ତୋଷ ସାହୁ, କିଶୋରନଗର ବ୍ଲକ ବିଡିଓ ଡ. ସ୍ୱରୂପାନନ୍ଦ ସାହୁ, ଏବିଡିଓ ଜ୍ୟାତିରଞ୍ଜନ ପ୍ରଧାନ, ସିଡିପିଓ ସୁଭାସିନୀ ମହାଳିକ, ସରପଞ୍ଚ କୁମୁନ୍ଦଚନ୍ଦ୍ର ସାହୁ, ଦୀପ୍ତିମୟୀ ସାହୁ, ସସ୍ମିତା ସାହୁ, ସମିତିସଭ୍ୟା ମାନସୀ ପ୍ରଧାନ, ନାଏବ ସରପଞ୍ଚ ସୁମନ୍ତ ବେହେରାଙ୍କ ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ।

ସେହିପରି ଛେଣ୍ଡିପଦା ବ୍ଲକ ପାତ୍ରପଡ଼ାସ୍ଥିତ ମା' ବାୟାଣୀ ଠାକୁରାଣୀଙ୍କ ପୀଠରୁ ଅନୁଗୋଳ ଏପିଡି ସୁଶାନ୍ତ କୁମାର ପତିଙ୍କ ତତ୍ତ୍ୱାବଧାନରେ ବିରାଟ ପଟୁଆରରେ ମଶାଲ ଶୋଭାଯାତ୍ରା ବାହାରିଥିଲା। ବିଧାୟକ ସୁଶାନ୍ତ ବେହେରା, ବିଡିଓ ସୟ କୁମାର ଆଚାର୍ଯ୍ୟ, ତହସିଲଦାର ଡାନିଏଲ ଏକ୍କା, ଜିଲା ପରିଷଦ ସଭ୍ୟ ପ୍ରଦୀପ ସାହୁ, ନଗେନ ପ୍ରଧାନ, ବ୍ଲକ ଅଧକ୍ଷା ସୁମିତ୍ରା ସାହୁ, ଉପାଧକ୍ଷା ଝରଣା ସ୍ୱାଇଁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ସ୍ଥାନୀୟ କଳାକାରଙ୍କ ଚିତ୍ତାକର୍ଷକ କଳାପ୍ରଦର୍ଶନ ମୁଖ୍ୟ ଆକର୍ଷଣ ସାଜିଥିଲା। ସେହିପରି ଦେଉଳଝରିରୁ ବାହାରିଥିବା ଶୋଭାଯାତ୍ରା ବିଭିନ୍ନ ସ୍ଥାନ ପରିକ୍ରମା କରିବା ପରେ ଉକ୍ତ ଦୁଇ ମଶାଲ ହିଙ୍ଗୁଳା ପୀଠରେ ପହଞ୍ଚିଥିଲା। ବ୍ଲକ କଳାବିକାଶ ପରିଷଦ ଉପସଭାପତି ହରମୋହନ ପ୍ରଧାନ, ଜିଲା ପରିଷଦ ସଭ୍ୟା ଭାନୁପ୍ରିୟା ପ୍ରଧାନ, ସରପଞ୍ଚ ସୁଦୀପ୍ତ ପ୍ରଧାନ, ରଶ୍ମିତା ପ୍ରଧାନ, କ୍ଷୀରୋଦିନୀ ବେହେରା, ଉଦିତ ପ୍ରଧାନ, ପ୍ରିୟଙ୍କା ସାହୁ, ମାନସ ବେହେରା, ସମିତସଭ୍ୟ ଦୀପକ ସାହୁ, ସିଡିପିଓ ସେବାଷ୍ଟିଆନ୍ କୁଜୁର ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

ଅନୁରୂପ ଭାବେ ପାଲଲହଡ଼ା ଖୁଲୁଡ଼ି ଶୈବପୀଠରୁ ବାହାରିଥିବା ମଶାଲକୁ କଣିହାଁ ବ୍ଲକର ମା' ଲୋଧୁଣି ଦେବୀଙ୍କ ପୀଠରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପବିତ୍ରନଗର, ସମଲ, ଏନ୍‌ଟିପିସି ବଜାର ପରିକ୍ରମା କରିଥିଲା। ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧକ୍ଷା ଜୟନ୍ତୀ ପ୍ରଧାନ, ବ୍ଲକ ପ୍ରଶାସନର ପଦସ୍ଥ ଅଧିକାରୀ ଏବଂ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଉପସ୍ଥିତ ଥିଲେ। ଛେଣ୍ଡିପଦା ମା' ବାୟାଣୀଙ୍କ ପୀଠରୁ ଆସିଥିବା ମଶାଲ ଶୋଭାଯାତ୍ରାରେ ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ସାନତ୍ରିବିଡ଼ା ସରପଞ୍ଚ, ସମିତିସଭ୍ୟାଙ୍କ ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ ସାମିଲ ହୋଇଥିଲେ। ବିଭିନ୍ନ ବ୍ଲକ ପରିକ୍ରମା କରିବା ପରେ ସନ୍ଧ୍ୟାରେ ସମସ୍ତ ମଶାଲ ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରେ ପହଞ୍ଚିଛି। ସେଠାରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲା ପରିଷଦ ଅଧକ୍ଷା ବବିତା ପ୍ରଧାନ, ଅନ୍ୟ ପ୍ରଶାସନିକ ଅଧିକାରୀ, ମନ୍ଦିର କମିଟି ସଦସ୍ୟ ଉପସ୍ଥିତ ରହି ମଶାଲ ଗ୍ରହଣ କରିଥିଲେ।


ଅନୁଗୋଳରେ ମଶାଲ ପହଞ୍ଚିବା ପରେ ଅଧିକାରୀ ମାନେ ଗ୍ରହଣ କରୁଛନ୍ତି।


କଣିହାଁ: ଶୋଭାଯାତ୍ରାରେ ବ୍ଲକ ଅଧକ୍ଷ ଉପାଧକ୍ଷ ଓ ଅନ୍ୟ ପ୍ରଶାସନିକ ଅଧିକାରୀ।


ଛେଣ୍ଡିପଦା: ମଶାଲ ଶୋଭାଯାତ୍ରାରେ ବିଧାୟକଙ୍କ ସମେତ ଅନ୍ୟମାନେ।

## ଓ.ପି. ଜିନ୍ଦଲଙ୍କ ଅବଦାନ ଅବିସ୍ମରଣୀୟ

### ୧୭ତମ ପୁଣ୍ୟତିଥି ପାଳିତ

**ଅନୁଗୋଳ ଅଫିସ୍, ୨।୪**



ରକ୍ତଦାନ ଶିବିରରେ ଅତିଥିମାନେ।

ଅନୁଗୋଳ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସପି) ପକ୍ଷରୁ ଓମ୍ ପ୍ରକାଶ ଜିନ୍ଦଲ୍‌ଙ୍କ ୧୭ତମ ପୁଣ୍ୟତିଥି ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ମୃତିଚାରଣ ସଭାରେ କମ୍ପାନୀ କର୍ମଚାରୀ ଏବଂ ସ୍ଥାନୀୟ ଗ୍ରାମବାସୀ ସାମିଲ ହୋଇ ଓ.ପି. ଜିନ୍ଦଲ ଗ୍ରୁପ୍‌ର ପ୍ରତିଷ୍ଠାତାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଭାରତୀୟ ଶିଳ୍ପ ଜଗତ ପ୍ରତି ଓମ୍ ପ୍ରକାଶ ଜିନ୍ଦଲଙ୍କ ଅବଦାନ ଅବିସ୍ମରଣୀୟ ବୋଲି ମତପ୍ରକାଶ ପାଇଥିଲା। ପ୍ରତ୍ୟୁଷରେ ଜିନ୍ଦଲ ନଗରସ୍ଥିତ ଦେବଭୂମିରେ ସ୍ୱତନ୍ତ୍ର ପ୍ରାର୍ଥନା ସଭା ଅନୁଗୋଳ ପ୍ଲାଣ୍ଟ ମୁଖ୍ୟ ହୃଦୟେଶ୍ୱର ଝାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଦୀନେଶ ସରୋଗୀ, ଦାମୋଦର ମିତ୍ତଲ, ସବ୍ୟସାଚୀ ବନ୍ଦୋପାଧ୍ୟାୟ, ପଙ୍କଜଲୋଚନ, ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ, ପରିବାରବର୍ଗ ଏବଂ କମ୍ପାନୀ ଅଧିକାରୀ ଏଥିରେ ଯୋଗଦେଇଥିଲେ। ଏଥିସହ ଅଖଣ୍ଡ ରାମଚରିତ ମାନସ ପାଠ କାର୍ଯ୍ୟକ୍ରମରେ ଶତାଧିକ ଜନସାଧାରଣ ସାମିଲ ହୋଇଥିଲେ। ଓଡ଼ିଶା ରକ୍ତ ଭଣ୍ଡାର ଏବଂ ଜେଏସ୍‌ପି ଫାଉଣ୍ଡେଶନ ସହଭାଗିତାରେ ଆୟୋଜିତ ରକ୍ତଦାନ ଶିବିରରୁ ୧୩୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସିଏସ୍‌ଆର୍ ଶାଖାଭାବେ କାର୍ଯ୍ୟରତ ଜେଏସ୍‌ପିଏଲ୍ ଫାଉଣ୍ଡେଶନ, ଜିନ୍ଦଲ ମହିଳା ସମିତିର ଅନିତା ମିତ୍ତଲ, ଅନିନ୍ଦିତା ବନ୍ଦୋପାଧ୍ୟାୟ ପ୍ରମୁଖ କମ୍ପାନୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରହୁଥିବା ବୃଦ୍ଧାଶ୍ରମ ପରିଦର୍ଶନ କରି ଶୁଖିଲା ଖାଦ୍ୟ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। ବଡ଼କେରଜାଙ୍ଗ ପଞ୍ଚାୟତରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ସେହିପରି ଜେଏସ୍‌ପିର ଭୁବନେଶ୍ୱରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସଭାପତି ତଥା କାର୍ଯ୍ୟାଳୟ ପ୍ରମୁଖ ପ୍ରଶାନ୍ତ ହୋତା ଯୋଗଦେଇ ଭାରତୀୟ ଶିଳ୍ପାଳୟରେ ଓମ୍ ପ୍ରକାଶ ଜିନ୍ଦଲଙ୍କ ଅବଦାନର ସ୍ମୃତିଚାରଣ କରିଥିଲେ।

## ଆଜି ମା'ବାୟାଣୀଙ୍କ ବାର୍ଷିକ ପୂଜା

**ଛେଣ୍ଡିପଦା,୨।୪(ସ୍ୱ.ପ୍ର)**

ଛେଣ୍ଡିପଦା ବ୍ଲକ ପାତ୍ରପଡା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ବାୟାଣୀ ଠାକୁରାଣୀଙ୍କ ବାର୍ଷିକ ପୂଜା ଓ ଯାତ୍ରା ରବିବାର ପାଳିତ ହେବ। ଏଥିପାଇଁ ଗ୍ରାମବାସୀଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଯାତ୍ରାରେ ଓଡ଼ିଶାର ବିଭିନ୍ନ ଜିଲାରୁ ବହୁ ଭକ୍ତ ଓ ବ୍ୟବସାୟୀମାନେ ପହଞ୍ଚିଥିବାରୁ ପାନୀୟ ଜଳଯୋଗାଣ, ସ୍ୱାସ୍ଥ୍ୟସେବା, ଟ୍ରାଫିକ ନିୟନ୍ତ୍ରଣ, ଅନ୍ନଭୋଗ ବଣ୍ଟନ ଆଦି ବ୍ୟବସ୍ଥା ହୋଇଛି। ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଶାନ୍ତି ଶୃଙ୍ଖଳା ପାଇଁ ସ୍ୱେଚ୍ଛାସେବି ସଂଗଠନଙ୍କୁ ନିୟୋଜିତ କରାଯାଇଛି। ଏହି ପୂଜା ପାତ୍ରପଡା ଗ୍ରାମବାସୀ ଓ ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଉଛି ।

## ଦୋମୁହାଁ ନୀତିର ସମୀକ୍ଷା ଜନତା କରିବେ

### ଭାଜପା ଉପରେ ବର୍ଷିଲେ ବିଧାୟକ


ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

**ଢେଙ୍କାନାଳ ଅଫିସ,୨।୪**

ଢେଙ୍କାନାଳ ପୌରାଧକ୍ଷାଙ୍କ ଘର ଆଗରେ ଗତ ୩୦ ତାରିଖରେ ସଂଗଠିତ ଗୁଳିଚାଳନା ଏବଂ ଭାଜପା ନେତ୍ରୀଙ୍କୁ ହତ୍ୟା ଧମକକୁ ନେଇ ଦଳ ପକ୍ଷରୁ କରାଯାଇଥିବା ଆରୋପର ଜବାବ ରଖିଛନ୍ତି ବିଧାୟକ ସୁଧୀର କୁମାର ସାମଲ। ସ୍ଥାନୀୟ ଏକ ହୋଟେଲରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଧାୟକ କହିଛନ୍ତି, ବିଜେଡି ହିଂସାକୁ ପ୍ରଶ୍ରୟ ଦିଏନାହିଁ। ପ୍ରତି ଦଳର ନେତାଙ୍କ ଚରିତ୍ର ସହରବାସୀ ଭଲଭାବେ ଜାଣିଛନ୍ତି। ତେବେ ଉକ୍ତ ଗୁଳିକାଣ୍ଡ ଘଟଣାରେ ବିଧାୟକଙ୍କ ସମର୍ଥକଙ୍କ ହାତ ଥିବା କହି ସୋସିଆଲ ମିଡିଆରେ ଅପପ୍ରଚାର କରାଯାଉଛି। ଘଟଣା ପରେ ପୌରାଧକ୍ଷା ପୋଲିସ ପ୍ରଶାସନକୁ କାର୍ଯ୍ୟାନୁଷ୍ଠାନ ପାଇଁ ୨୪ ଘଣ୍ଟା ମହଲତ ଦେଇଥିଲେ। ନ ହେଲେ ଅଞ୍ଚଳବାସୀ ଏହାର ଜବାବ ଦେବେ ବୋଲି କହିଥିଲେ। ତେବେ ତାଙ୍କ ସ୍ୱାମୀ ମୁଖ୍ୟମନ୍ତ୍ରୀଙ୍କୁ ସୁରକ୍ଷା ଓ ନ୍ୟାୟ ମାଗୁଛନ୍ତି। ଏଭଳି ଦୋମୁହାଁ ନୀତିର ସମୀକ୍ଷା ସଚେତନ ସହରବାସୀ କରିବା ଉଚିତ।

ସଭାସମିତି, ଶୋଭାଯାତ୍ରାରେ ଜନ ପ୍ରତିନିଧିଙ୍କ ସହିତ କେହି ନା କେହି ଫଟୋ ଉଠାଇଥାନ୍ତି। ଫଟୋ ଉଠାଉଥିବା ବ୍ୟକ୍ତି କିଏ ଏବଂ କ'ଣ ଜାଣିବା କଷ୍ଟକର। ପୌରଭୋଟ ଦିନ ବିଜେଡିର ୧୫ନଂ. କାଉନସିଲର ପ୍ରାର୍ଥୀଙ୍କୁ ଟାଉନ ଥାନା ପରିସରରେ ରାମଚନ୍ଦ୍ର ପାତ୍ର ଏବଂ ତାଙ୍କ ଭାଇ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଉପସ୍ଥିତିରେ ଭାଜପା ସମର୍ଥକମାନେ ମରଣାନ୍ତକ ଆକ୍ରମଣ କରିବା ଘଟଣା ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା। ଏହି ଘଟଣାରେ ତାଙ୍କ ପୁଅ, ପୁତୁରା ଜେଲ ଯାଇଥିଲେ। ଡାକ୍ତରଙ୍କୁ ପିଟିବା, ସରକାରୀ ଅଫିସରରେ ତାଲା ପକାଇବା, ଆଇନ ମହାବିଦ୍ୟାଳୟ ଓ ସରକାରୀ ଜମି ହଡପ ଭଳି ବହୁ ମାମଲା ସେମାନଙ୍କ ନାମରେ ରହିଛି। ତେଣୁ ଅଯଥା ଆରୋପ ଲଦିବା ଅପେକ୍ଷା ଭାଜପା ନିଜ ଘର ନିଜ ସଜାଡୁ ବୋଲି ବିଧାୟକ ପ୍ରତିକ୍ରିୟାରେ କହିଛନ୍ତି। ଏଥିସହ ସିସିଟିଭି ଯାଞ୍ଚ କରାଗଲେ ଗୁଳିକାଣ୍ଡ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର, ନଗର ବିଜେଡି ସଭାପତି ଇନ୍ଦ୍ରମଣି ବେହେରା, ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ପୂର୍ବତନ ନଗରପାଳ ସୁଧାଂଶୁ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

## ସାମାଜିକ ନାଟକ 'ଗାଲୁଆ' ମଞ୍ଚସ୍ଥ


ନାଟକ ଗାଲୁଆରେ ସାମିଲ ହୋଇଥିବା କଳାକାରମାନେ।

**ଢେଙ୍କାନାଳ ଅଫିସ, ୨।୪**

ଢେଙ୍କାନାଳ ଭାରତମାତା ସେବା ଅନୁଷ୍ଠାନ ପକ୍ଷରୁ ଶନିବାର ସନ୍ଧ୍ୟାରେ ଦେଉଳସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥିମାନେ। ଅନୁଷ୍ଠାନ ସଭାପତି ବାବୁଚାନ୍ଦ ମହାଳିକ ଓ ସମ୍ପାଦକ ଶକ୍ତି ପ୍ରସାଦ ନନ୍ଦ, ବିଶ୍ୱ ହିନ୍ଦୁ ପରିଷଦ ପ୍ରାନ୍ତ ସଙ୍ଗଠନର ମହେଶ ସାହୁ ଉପସ୍ଥିତ ଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ସାମାଜିକ ନାଟକ ଗାଲୁଆ ମଞ୍ଚସ୍ଥ ହୋଇଥିଲେ। ଶିଳ୍ପୀ ପରେଶ ପଟ୍ଟନାୟକଙ୍କ ରଚିତ ଓ ନିର୍ଦ୍ଦେଶିତ ଏହି ନାଟକର ମୁଖ୍ୟ ଭୂମିକାରେ ବାବୁଚାନ୍ଦ ମହାଳିକ, ଗୀତାଞ୍ଜଳି ପଣ୍ଡା, ଦେବାନନ୍ଦ ସାହୁ, ଜିଜ୍ଞାସୁ ଏ.ଆର. ସାହୁ, ବିଘ୍ନେଶ୍ୱର ଦୋରା, ଆଶିଷ ଶତପଥୀ, ସ୍ୱାତୀ ନନ୍ଦ, ଅମନ ଆୟୁଷ୍ମାନ ଦାସ ପ୍ରମୁଖ ଅଭିନୟ କରିଥିଲେ। ହିମାଂଶୁ ବର୍ମା, କାବେରୀ ପ୍ରିୟଦର୍ଶିନୀଙ୍କ ସଙ୍ଗୀତ କରତାଳି ସାଉଁଟିଥିଲା। ମନୋରଞ୍ଜନ ତ୍ରିପାଠୀ, ପ୍ରମୋଦ ନାଥଶର୍ମା, ଶଶିକାନ୍ତ ଦାସ, ପ୍ରଶାନ୍ତ ମିଶ୍ର, କଲ୍ୟାଣ କାନୁନ୍‌ଗୋ ପ୍ରମୁଖ ପରିଚାଳନା କରିଥିଲେ।

## ଯାଜ୍ଞସେନୀଙ୍କୁ ଆକ୍ରମଣ ମାମଲା, ଜଣେ ଗିରଫ

**ଢେଙ୍କାନାଳ ଅଫିସ, ୨।୪:** ଢେଙ୍କାନାଳ ସଦର ବ୍ଲକର ଜଣାଶୁଣା ମହିଳା ଉଦ୍ୟୋଗୀ ଯାଜ୍ଞସେନୀ ଜେନା, ତାଙ୍କ ସ୍ୱାମୀ ଅକ୍ଷୟ କୁମାର ଦାସଚୌଧୁରୀ, ପୁଅ ତଥା ଭାରତୀୟ ସେନାବାହିନୀର କ୍ୟାପଟେନ ଆକାଶଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ମାମଲାରେ ଶନିବାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସିଆରିଆ ଟଇଳାସାହିର ବଳରାମ ବେହେରା। ଏହି ଘଟଣାର ଅନ୍ୟ ୫ ଅଭିଯୁକ୍ତ ଫେରାର ଅଛନ୍ତି। ସୂଚନାଯୋଗ୍ୟ, ଗୋବିନ୍ଦପୁର ଫାଣ୍ଡି ସିଆରିଆରେ ଯାଜ୍ଞସେନୀଙ୍କ ଜମିକୁ ଯିବାଲାଗି ତହସିଲଦାରଙ୍କ ଉପସ୍ଥିତିରେ ୨୦ ଫୁଟ ଗ୍ରାମ୍ୟ ରାସ୍ତା ଚିହ୍ନଟ ହୋଇଛି। ତେବେ କେତେଜଣ ଅଭିଯୁକ୍ତ ଜମିକୁ ହଡ଼ପ କରିବାକୁ ଚେଷ୍ଟା କରୁଛନ୍ତି। ଘଟଣାଦିନ ଯାଜ୍ଞସେନୀ, ଅକ୍ଷୟ ଏବଂ ଆକାଶ ଜମି ତଦାରଖ କରୁଥିବା ବେଳେ ଅଞ୍ଚଳର କେତେଜଣ ମହିଳାପୁରୁଷ ଅତର୍କିତ ଆକ୍ରମଣ କରିଥିଲେ।

## ପାନୀୟ ଜଳଯୋଗାଣ ନିଶ୍ଚିତ କର

■ଜିଲାସ୍ତରୀୟ ଜଳ ପରିମଳ କମିଟି ବୈଠକ

■ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ୬୨% ସରିଛି

■୨୦୨୪ ପୂର୍ବରୁ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ

**ଢେଙ୍କାନାଳ ଅଫିସ, ୨।୪**


ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଶନିବାର ଜିଲାସ୍ତରୀୟ ଜଳ ଓ ପରିମଳ କମିଟି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପାନୀୟଜଳ ଯୋଗାଣକୁ ନିଶ୍ଚିତ କରିବା ପାଇଁ ଜିଲାପାଳ ସରୋଜ କୁମାର ସେଠୀ ନିର୍ଦ୍ଦେଶ ଦେଇଛନ୍ତି।

ଜିଲାର ବିଭିନ୍ନ ସ୍ଥାନରେ ପିଇବା ପାଣି ସମସ୍ୟା ନେଇ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଚଳିତବର୍ଷ ଯେପରି କୌଣସି ସ୍ଥାନରେ ଏଭଳି ସ୍ଥିତି ନ ଉପୁଜେ ସେଥିଲାଗି ପାଣି ଯୋଗାଣ ବ୍ୟବସ୍ଥା ତଦାରଖ କରିବାକୁ ଜିଲାପାଳ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟକୁ ଜୁନ୍ ସୁଦ୍ଧା ଜଳଯୋଗାଣ କରିବା, ସମ୍ପୃକ୍ତ ସ୍ଥାନରେ ଶୌଚାଳୟ ବ୍ୟବସ୍ଥା, ନଳକୂଅ ଖନନକୁ ପ୍ରାଥମିକତା, ଅଚଳ ସୋଲାର ପାଣିପମ୍ପ ମରାମତି, ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବାକୁ ପରାମର୍ଶ ଦିଆଯାଇଛି। ଜଳସେଚନ ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟରେ ଯେପରି କୌଣସି ସମସ୍ୟା ନ ଉପୁଜେ ସେଥିପ୍ରତି ଗୁରୁତ୍ୱ ଦେବାକୁ ଜିଲାପାଳ ତହସିଲଦାରମାନଙ୍କୁ କହିଛନ୍ତି।

୨୦୨୪ ସୁଦ୍ଧା ଜିଲାରେ ପ୍ରସ୍ତାବିତ ପାନୀୟ ଜଳଯୋଗାଣ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହା ପୂର୍ବରୁ କାମ ଶେଷ କରି ଉଦାହରଣ ସୃଷ୍ଟି କରିବାକୁ ଜିଲାପାଳ ଆହ୍ୱାନ ଦେଇଛନ୍ତି। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଅଧୀକ୍ଷଣଯନ୍ତ୍ରୀ ସୁରେନ୍ଦ୍ର କୁମାର ବେହେରା ଆଲୋଚନାରେ ଭାଗନେଇ କହିଲେ, ଜିଲାରେ ଅଦ୍ୟାବଧି ୬୨% ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଜିଲାବାସୀଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଥିବା ସେ ସୂଚନା ଦେଇଛନ୍ତି। ବୈଠକରେ ମେଗା ପାନୀୟଜଳ ପ୍ରକଳ୍ପର ମୁଖ୍ୟ, ତହସିଲଦାର, ବିଭିନ୍ନ ବ୍ଲକର କନିଷ୍ଠଯନ୍ତ୍ରୀ ଏବଂ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ରାସ୍ତାରେ ଯୁବତୀଙ୍କୁ ମାଡ଼ ମାରି ଯୁବକ ଅଟକ

**ବାସୁଦେବପୁର, ୨।୪ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ଚୁଡ଼ାମଣି ସାମୁଦ୍ରିକ ଥାନା ଅଧୀନ ଚୁଡ଼ାମଣି ବଜାର ସଂଲଗ୍ନ ରାସ୍ତାରେ ଯୁବତୀଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଅଟକ ରଖିଛି। ଅଢୁଆଁ ଅଞ୍ଚଳର ଉକ୍ତ ଯୁବତୀଙ୍କ ଅଭିଯୋଗ କ୍ରମେ ଚୁଡ଼ାମଣି ସାମୁଦ୍ରିକ ଥାନାରେ ମାମଲା(ନଂ.୫୦/୨୨) ରୁଜୁ ହୋଇଛି। ଆକ୍ରମଣକାରୀ ଯୁବକଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚାଲିଛି। ତେବେ ଟଙ୍କା ନେଣଦେଣକୁ ନେଇ ପୂର୍ବରୁ ସେମାନଙ୍କ ମଧ୍ୟରେ ବିବାଦ ଥିଲା। ଏହାକୁ କେନ୍ଦ୍ରକରି ଯୁବକ ଜଣଙ୍କ ଯୁବତୀଙ୍କୁ ମାଡ଼ ମାରିଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଆଇଆଇସି ସାବିତ୍ରୀ ପଣ୍ଡା କହିଛନ୍ତି।

### ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**ସଜନାଗଡ଼, ୨।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ୨ କଲେଜର ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସାହୁ ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏହାକୁ ଉଦ୍‌ଘାଟନ କରି ସାମ୍ପ୍ରତିକ ସମାଜରେ ଛାତ୍ରୀମାନେ ଅସୁରକ୍ଷିତ ହୋଇ ପଡ଼ିଥିବାରୁ ସରକାରଙ୍କ ଏହି କାର୍ଯ୍ୟକ୍ରମ ଅତ୍ୟନ୍ତ ସମୟ ଉପଯୋଗୀ ବୋଲି ସେ ମତବ୍ୟକ୍ତ କରିଥିଲେ। ଯୁକ୍ତ ୩ କଲେଜ ଅଧ୍ୟକ୍ଷା ମଞ୍ଜୁଶ୍ରୀ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଙ୍କ ସୁରକ୍ଷା ବାବଦରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ରାଜଶ୍ରୀ ବେହେରା ପ୍ରଶିକ୍ଷଣର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଅଧ୍ୟାପକ ସତ୍ୟରଞ୍ଜନ ମିଶ୍ର, ଅଧ୍ୟାପକ ହେମନ୍ତ ବେହେରା ଓ ସହଗ୍ରନ୍ଥାଗାରିକ ଭାସ୍କର ବିଶ୍ୱାଳ ବକ୍ତବ୍ୟ ରଖିଥିଲେ। ୫ ପ୍ରଶିକ୍ଷିକା ତାଲିମ ପ୍ରଦାନ କରୁଛନ୍ତି।

### ପ୍ରତିଯୋଗିତା, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ଖଇରା, ୨।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ମୁଖ୍ୟ ପୃଷ୍ଠପୋଷକ ସ୍ୱର୍ଗତ ସୁରେନ୍ଦ୍ର ପ୍ରସାଦ ନାୟକଙ୍କର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ସହ ସ୍ମୃତିସଭା କରାଯାଇଥିଲା। ପରିଚାଳକ ଦିଲୀପ କୁମାର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଔପଦା ବ୍ଲକ ଅଧ୍ୟକ୍ଷା ବିସି ବିପ୍‌ସା ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ବହୁବିଧ ଗୁଣ ଉପରେ ଆଲୋକପାତ କରିଥିଲେ। ପ୍ରଧାନଚାର୍ଯ୍ୟ କୈଳାସ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ ଓ ବିଜ୍ଞାନ ଗୁରୁଜୀ ଷ୍ଟାଲିନ ରାଉତ ସଭାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ହିରଣ୍ମୟୀ ପଣ୍ଡା, ତନିଶ ତନ୍ମୟ ତ୍ରିପାଠୀ, ମହେଶ୍ୱରୀ ପ୍ରଧାନ, ସୌରଭ ସ, ଭାଗ୍ୟଶ୍ରୀ ଜେନା, ପିୟୁଷ ପ୍ରତୀକ ସ, ଅର୍ପିତା ଲେଙ୍କା, ପ୍ରିୟବ୍ରତ ଜେନା, ଦିବ୍ୟାଙ୍କା ଲେଙ୍କାଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱର୍ଗତ ନାୟକଙ୍କ ଜ୍ୟେଷ୍ଠପୁତ୍ର ଦେବେନ୍ଦ୍ର ନାୟକ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ପିଲାଙ୍କୁ କର୍ତ୍ତବ୍ୟନିଷ୍ଠା ଉପରେ ଆଲୋକପାତ କରିଥିଲେ। ଗୁରୁମା ବନ୍ଦନା ରାଉତ, ସାବିତ୍ରୀ ପଣ୍ଡା, ମଧୁସ୍ମିତା ପଲେଇ, ପୁଷ୍ପାଞ୍ଜଳି ରାଉତ, ମମତା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସଂସ୍କୃତ ଶିକ୍ଷକଙ୍କୁ ସେବା ନିବୃତ୍ତ ସମ୍ବର୍ଦ୍ଧନା

**ଖଇରା, ୨।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରୁଗାଁସ୍ଥିତ ଭଗବାନ ସଦାନନ୍ଦ ଉଚ୍ଚ ବିଦ୍ୟାପୀଠର ସଂସ୍କୃତ ଶିକ୍ଷକ ଦୀନବନ୍ଧୁ ଦାଶଙ୍କ ଅବସର ପରିପ୍ରେକ୍ଷୀରେ ଏକ ବିଦାୟୀ ସମ୍ବର୍ଦ୍ଧନା ସଭା ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଓଷ୍ଟା ଜିଲା ସଭାପତି ବାଦଲ ଚନ୍ଦ୍ର ପାତ୍ର ମୁଖ୍ୟଅତିଥି, ଜିତେନ୍ଦ୍ର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଦାୟୀ ଶିକ୍ଷକ ଜଣେ ଦରଦୀ, ଛାତ୍ରବତ୍ସଳ ଓ ଅନୁଷ୍ଠାନପ୍ରେମୀ ମଣିଷ ଥିବା କଥା କହିଥିଲେ। ପ୍ରାକ୍ତନ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକ, ସରପଞ୍ଚ ଦୟାନିଧି ନାୟକ, ଷଡାନନ ପାଣିଗ୍ରାହୀ, ବିଷ୍ଣୁ ପ୍ରସାଦ ମିଶ୍ର, ପୁରାତନ ଶିକ୍ଷକ ଡ. ଭଗବାନ ବେହେରା, ସୁଦାମ ଚରଣ ମଲ୍ଲିକ, ଚତୁର୍ଭୁଜ ପାଣିଗ୍ରାହୀ, ବୈକୁଣ୍ଠ ନାଥ ମିଶ୍ର ଓ ପ୍ରଶାନ୍ତ କୁମାର ସେଠୀ, ପୁରାତନ ଛାତ୍ର ବଳରାମ ଲେଙ୍କା ପ୍ରମୁଖ ବକ୍ତବ୍ୟ ରଖିଥିଲେ। କବି ନାଟ୍ୟକାର ଭଗବାନ ବେହେରାଙ୍କ ଗ୍ରନ୍ଥାବଳୀ ଓ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅଞ୍ଜଳି ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ର, ଶିକ୍ଷକ କର୍ମଚାରୀଙ୍କ ତରଫରୁ ବିଦାୟୀ ଶିକ୍ଷକଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା।

# ଗ୍ରୀଷ୍ମ ଆରମ୍ଭରୁ ଜଳ ସଙ୍କଟ

**କେନ୍ଦୁଝର,୨।୪(ଡି.ଏନ୍.ଏ.)**

ଗ୍ରୀଷ୍ମ ଆରମ୍ଭରୁ ହିଁ କେନ୍ଦୁଝରଗଡ଼ ପୌରପାଳିକାର ୨୧ ୱାର୍ଡରେ ଜଳ ସଙ୍କଟ ଦେଖାଦେଇଛି। ପାନୀୟ ଜଳ ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବିଗତ ଦିନରେ ରାସ୍ତା ପ୍ରଶସ୍ତିକରଣ ଯୋଗୁ ରାସ୍ତାକଡ଼ରେ ଥିବା ନଳକୂପଗୁଡ଼ିକୁ ଉଠାଇ ନିଆଯାଇଛି। ଫଳରେ ବର୍ତ୍ତମାନର ୩୫ରୁ ୪୦ଡିଗ୍ରୀ ତାତିରେ ରାଜରାସ୍ତାରେ ଯାଉଥିବା ବାଟୋଇଙ୍କ ପାଇଁ ମଧ୍ୟ ପାନୀୟ ଜଳର କୌଣସି ପ୍ରକାର ବ୍ୟବସ୍ଥା ନାହିଁ। ଏଥିପ୍ରତି ବିଶେଷ ଧ୍ୟାନ ଦେଇ ସୁବ୍ୟବସ୍ଥା କରିବାକୁ ନବନିର୍ବାଚିତା ପୌରାଧ୍ୟକ୍ଷାଙ୍କୁ ସ୍ଥାନୀୟ ଲୋକେ ଅନୁରୋଧ କରିଛନ୍ତି। ପୌରପାଳିକାର ୨୧ ୱାର୍ଡ ମଧ୍ୟରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପାଖାପାଖି ଅଞ୍ଚଳ ପଟେ ସକାଳେ ଓ ସନ୍ଧ୍ୟା ସମୟରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଣ ହେଉଛି। ହେଲେ ଅନ୍ୟ ୱାର୍ଡଗୁଡ଼ିକରେ ଏହି ସୁବିଧା ମିଳୁ ନ ଥିବା ଯୋଗୁ ଲୋକେ ହଇରାଣ ହେଉଛନ୍ତି।



ମହିଳାମାନେ ଟ୍ୟାଙ୍କରରୁ ପାଣି ସଂଗ୍ରହ କରୁଛନ୍ତି।

ମୁଖ୍ୟତଃ ୯ ନଂ. ୱାର୍ଡରେ ଦୈନିକ ଅପରାହ୍ନ ୨ଟାରୁ ୩ଟା ମଧ୍ୟରେ ବର୍ତ୍ତମାନ ପ୍ରାୟତଃ ଖୁବ୍ କମ୍ ସମୟ ପାଣି ଦେବା ପରେ ବନ୍ଦ ହୋଇଯାଉଛି। ଏପରିକି ବହୁ ସମୟରେ ପାଣି ଆଦୌ ଆସୁ ନ ଥିବା ଅଭିଯୋଗ ହେଉଛି। ଏହି ସମସ୍ୟାର ସମାଧାନ ଲାଗି ଆଇନଜୀବୀ ତଥା ସାମାଜିକ କର୍ମୀ ସୁଶ୍ରୀ ସଙ୍ଗୀତା ସିଂହ ଦାବି କରିଛନ୍ତି। ଏ ଦିଗ ପ୍ରତି ଧ୍ୟାନ ଦିଆ ନ ଗଲେ ଜନସ୍ୱାସ୍ଥ୍ୟ ଖଣ୍ଡ, ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ଉତ୍ତର ଓଡ଼ିଶା ଉପାନ୍ତ ସାହିତ୍ୟ ସମ୍ମିଳନୀ ସମାରୋହ

**ବାରିପଦା ଅଫିସ,୨।୪**

ପବିତ୍ର ଉତ୍କଳ ଦିବସ ଅବସରରେ ଉତ୍ତର ଓଡିଶା ଉପାନ୍ତ ସାହିତ୍ୟ ସମ୍ମିଳନୀର ସଭାପତି ତଥା ପ୍ରାକ୍ତନ ବିଧାୟକ ଭାଦବ ହାଁସଦାଙ୍କ ପୌରୋହିତ୍ୟରେ ୭ମ ବାର୍ଷିକ ଉତ୍ସବ ସମାରୋହ ସାରସକଣାସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରସ୍ଥ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହଡାଗୋଡାସ୍ଥିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବାଳକୃଷ୍ଣ ବେହେରା ମୁଖ୍ୟଅତିଥି, କରଞ୍ଜିଆର କାଦଡିହା ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଭାଗବତ ଲେଙ୍କା ମୁଖ୍ୟବକ୍ତା ଓ ସାରସକଣାର ଶରତପାଳ ମହାବିଦ୍ୟାଳୟର ଅଧ୍ୟାପକ ପରମେଶ୍ୱର ଦେ' ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଚ୍ଛିନ୍ନାଞ୍ଚଳର ଝାଡଖଣ୍ଡର ଖଣ୍ଡମୌଦା, ଶାସନ ଗମ୍ଭାରିଆ, ପାରୁଲିଆ, ଗୁହ୍ୟାପାଳ, ଦାନ୍ତୁନ ଅଞ୍ଚଳରେ ପ୍ରଚଳିତ ଓଡିଆ ଭାଷା, ସଂସ୍କୃତି, ପରମ୍ପରାକୁ ବଜାୟ ରଖିବା ସହ ସମ୍ପର୍କର ସେତୁ ନିର୍ମାଣ ହୋଇପାରିବ ସେ ଦିଗରେ ଆଲୋକପାତ କରିଛନ୍ତି।

ଏହି ଉପଲକ୍ଷେ ଅନୁଷ୍ଠାନର ବାର୍ଷିକ ସ୍ମରଣିକା 'ଉପାନ୍ତ ମହକ ୨୦୨୨' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ବିଚ୍ଛିନ୍ନାଞ୍ଚଳର ୩ଜଣ ସାରସ୍ୱତ ପ୍ରେମୀ ତଥା ବିଚ୍ଛିନ୍ନାଞ୍ଚଳ ଓଡିଆ ରାଜ୍ୟ ସୁରକ୍ଷାର ଆଗଧାଡି ପ୍ରହରି ପ୍ରଫେସର ଦେବଦତ ପିନାକ ପାଣି, ପ୍ରସନ୍ନ ଶତପଥୀ, ମନୋରଞ୍ଜନ ଗିରି, ହାରାଧନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକାରୀ ସଭାପତି ପଦ୍ମନାଭ ସାହୁ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଛନ୍ତି । ଅନୁଷ୍ଠାନର ସମ୍ପାଦନା ମଣ୍ଡଳୀର ସଦସ୍ୟ ଅଜିତ କୁମାର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ମନୋରଞ୍ଜନ ଗିରି, ଦୀପକ କୁମାର ଶତପଥୀ, ରବୀନ୍ଦ୍ର ନାଥ ଭୋଳ, ଅଜିତ କୁମାର କବାଟ ପ୍ରମୁଖ ନିଜର ବକ୍ତବ୍ୟ ପ୍ରଦାନ କରିଛନ୍ତି ।

## ଦାୟିତ୍ୱ ଗ୍ରହଣ କଲେ ପୌରାଧ୍ୟକ୍ଷ



ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ସହକର୍ମୀଙ୍କ ଗହଣରେ ନବନିର୍ବାଚିତ ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି।

**ବାରିପଦା ଅଫିସ,୨।୪**

ନବନିର୍ବାଚିତ ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରାରମ୍ଭରେ ସେ ଦଳୀୟ କାର୍ଯ୍ୟାଳୟ ଓ ସହରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଶୋଭାଯାତ୍ରାରେ ଆସି ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଥିବା ପୂର୍ବତନ ଉପନଗରପାଳ ତଥା ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ଆସନ ଗ୍ରହଣ କରି କହିଥିଲେ, ବର୍ଷକ ମଧ୍ୟରେ ଲୋକଙ୍କ ମୌଳିକ ସମସ୍ୟା ସମାଧାନ ପ୍ରତି ପ୍ରାଥମିକତା ଦିଆଯିବା ସହ ଆଗାମୀ ଦିନରେ ସହରକୁ ସ୍ମାର୍ଟସିଟିରେ ପରିଣତ କରିବାକୁ ଚେଷ୍ଟା ଜାରି ରହିଛି। ପୌର ପରିଷଦରେ ଚାଲିଥିବା ଉନ୍ନୟନ କାର୍ଯ୍ୟଗୁଡ଼ିକ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ କରିବା ସହ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ୱାର୍ଡ ବାସିନ୍ଦାଙ୍କୁ ପାନୀୟଜଳ ଯୋଗାଣକୁ ସେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାରାଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପ୍ରାକ୍ତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଉପାଧ୍ୟକ୍ଷ ବିପିନ ସିଂ ବଦ୍ରା, ପ୍ରାକ୍ତନ ବିଧାୟକ ଭାଦବ ହାଁସଦା, ରାଜ୍ୟ ସାଧାରଣ ସମ୍ପାଦକ ଦେବାଶିଷ ମାରାଣ୍ଡି, ସୁବ୍ରମଣ୍ୟମ ମହାନ୍ତି, ପ୍ରଭାତ ନାଏକ, ସୁନୀଲ ନାୟକ, ଅରୁଣ ବରାଡ଼ଙ୍କ ସହ ଦଳର ସମସ୍ତ ୨୨ ନବନିର୍ବାଚିତ କାଉନ୍‌ସିଲର ପ୍ରମୁଖ ଉପସ୍ଥିତ ଥିଲେ।

## ଆଶା,ଗାଁ କଲ୍ୟାଣ ସମିତି ସମ୍ମିଳନୀ

**ବାରିପଦା ଅଫିସ,୨।୪**

ମୟୂରଭଞ୍ଜ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ସ୍ଥାନୀୟ ଶହୀଦ ସ୍ମୃତି ଭବନ ପରିସରରେ ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ଓ ମହିଳା ଆରୋଗ୍ୟ ସମିତିର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ରୂପଭାନୁ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିଡି ଡିଆର୍‌ଡିଏ ପି.ଅନ୍ୱେଷା ରେଡ୍ଡି, ଉପଜିଲାପାଳ ଅନ୍ୟା ଦାସ, ଡିଏସ୍‌ଡବ୍ଲ୍ୟୁଇଓ କୁସୁମବାଳା ମିଶ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଅଧିକାରିଣୀ ଡା.ସୁନନ୍ଦା ମିଶ୍ର, ଜନସ୍ୱାସ୍ଥ୍ୟ ଅଧିକାରିଣୀ ଚାରୁବାଳା ରଥଙ୍କ ସମେତ ବିଭିନ୍ନ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କୁଳିଅଣା ବ୍ଲକ ଦିଗାରୀ-ଅସ୍ତିଆ ଗ୍ରାମର ଆଶା କର୍ମୀ କଳାବତୀ ତରେଇଙ୍କୁ ପୁରସ୍କାର ବାବଦକୁ ୨୫ହଜାର ପ୍ରଦାନ କରାଯାଇଥିଲା। ସେହିପରି ବାଙ୍ଗିରିପୋଷି ବ୍ଲକ ଦରକଣ୍ଟିଆ ଗ୍ରାମର ଆଶାକର୍ମୀ ସତ୍ୟବତୀ ମହାନ୍ତ ଦ୍ୱିତୀୟ ସ୍ଥାନ ଅଧିକାର କରି ୨୦ହଜାର ଓ ଗୋପବନ୍ଧୁ ନଗର ବ୍ଲକ ଗୁଡ଼ଡିହା ଗ୍ରାମର ଆଶାକର୍ମୀ ମଞ୍ଜୁଲତା ନାଏକ ୩ୟ ସ୍ଥାନ ଅଧିକାର କରି ୧୫ହଜାର ଟଙ୍କା ପୁରସ୍କାର ରାଶି ପାଇଥିଲେ। ସହକାରୀ ଜିଲା ସ୍ୱାସ୍ଥ୍ୟ ଓ ସୂଚନା ଅଧିକାରୀ ଯୋଗେନ୍ଦ୍ର ନାଥ ଦେହୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏନ୍‌ଏଚ୍‌ଏମ୍‌ର କୋଷାଧ୍ୟକ୍ଷ ସଞ୍ଜୟ ଅଗ୍ରୱାଲ, ଜୟନ୍ତ କୁମାର ପ୍ରଧାନ ଓ ଦୀନକୃଷ୍ଣ ବାରିକ ସହଯୋଗ କରିଥିଲେ।

## ଦରମା ନ ପାଇ ଏକାଠି ହେଲେ ଅସ୍ଥାୟୀ ମହିଳା ସ୍ୱାସ୍ଥ୍ୟକର୍ମୀ



ବରହମ୍ପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଅସ୍ଥାୟୀ ମହିଳା ସ୍ୱାସ୍ଥ୍ୟକର୍ମୀ

**ସଜନାଗଡ଼, ୨।୪(ଡି.ଏନ.ଏ.)**

କରୋନା ମହାମାରୀ ସମୟରେ ଜୀବନକୁ ବାଜି ଲଗାଇ ଡ୍ୟୁଟି କରୁଥିବା ଠିକା ମହିଳା ସ୍ୱାସ୍ଥ୍ୟକର୍ମୀ ଆଜକୁ ୬ ମାସ ହେଲା ଦରମା ନ ପାଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାର ପ୍ରତିବାଦରେ ଶନିବାର ନୀଳଗିରି ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟ କରୁଥିବା ୨୪ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀ ମେଡ଼ିକାଲ ସମ୍ମୁଖରେ ଏକଜୁଟ ହୋଇଥିଲେ। ବକେୟା ଦରମା ପାଇବା ପାଇଁ ନିଜର କାର୍ଯ୍ୟ ସାରି ତହ ଖରାରେ ମେଡ଼ିକାଲ ସମ୍ମୁଖରେ ଅଧିକାରୀଙ୍କ ଆସିବା ରାସ୍ତାକୁ ଅନାଇ ବସିଥିଲେ। ହେଲେ ଅଧିକାରୀଙ୍କ ଦେଖା ମିଳି ନ ଥିଲା। କାର୍ଯ୍ୟରତ ଅସ୍ଥାୟୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଙ୍କ ପ୍ରାପ୍ୟ ନ ପାଇଲେ ଆଗାମୀ ଦିନରେ କାର୍ଯ୍ୟ ବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଅଭିଯୋଗକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦେବ କହିଛନ୍ତି, ଆସନ୍ତା ବୁଧବାର ଏକ ଟିମ୍ ପଠାଇ ତଦନ୍ତ କରି ଏହି ସମସ୍ୟାର ସମାଧାନ କରିବେ।

## ଓଡ଼ିଶା ସିନିୟର ନେଟ୍‌ବଲ ଦଳରେ ଭଦ୍ରକର ସୌମ୍ୟ

**ଭଦ୍ରକ ଅଫିସ, ୨।୪**

୨୭ତମ ସିନିୟର ଜାତୀୟ ନେଟ୍‌ବଲ ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ଦଳରେ ଭଦ୍ରକର ସୌମ୍ୟ ରଞ୍ଜନ ବେହେରା ସ୍ଥାନ ପାଇଛନ୍ତି। ସେ ଓଡ଼ିଶା ଦଳ ସହ ହରିୟାଣାର ଭିୱାନୀ ଗସ୍ତ କରିଛନ୍ତି। ଏଥିପୂର୍ବରୁ ସବ୍‌ଜୁନିୟର ଓ ଜୁନିୟର ବାଳିକା ଦଳରେ ଭଦ୍ରକରୁ ୪ ଖେଳାଳି ଆଦ୍ୟାଶା ଅଦିତି ବେହେରା, ଲିପ୍‌ଶିଖା ମହାଲିକ, ଦୀପ୍ତିମୟୀ ଦାସ ଓ ଜୟଶ୍ରୀ ଦାସ ପ୍ରତିନିଧିତ୍ୱ କରିଥିବା ବେଳେ ସୌମ୍ୟ ପ୍ରଥମଥର ପାଇଁ ବାଳକ ଦଳରେ ସ୍ଥାନ ପାଇଛନ୍ତି। ଜିଲା ନେଟ୍‌ବଲ ସଂଘ ସଭାପତି ତନ୍ମୟ ମହାନ୍ତି, କୋଷାଧ୍ୟକ୍ଷ ବିଶ୍ୱାମିତ୍ର ବେହେରା, ସମ୍ପାଦକ ମନୋଜ ସାହୁ, ଉପସଭାପତି ଅଭିଷେକ ମହାନ୍ତି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



ସୌମ୍ୟରଞ୍ଜନ ବେହେରା।

## ଓଡ଼ିଆ ଭାଷା, ସଂସ୍କୃତିର ଗରିମା ବଜାୟ ରଖିବାକୁ ଆହ୍ୱାନ

**ବାସୁଦେବପୁର,୨।୪(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ବେଳାଭୂମି ସାହିତ୍ୟ ଓ ପ୍ରତିଭା ପୂଜା ପରିଷଦର ବାର୍ଷିକୋତ୍ସବ, ମାଟିକବି ପଦ୍ମଲୋଚନ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଫକୀର ମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ରବି ନାରାୟଣ ଦାଶ ଯୋଗ ଦେଇ ପ୍ରତ୍ୟେକ ଓଡ଼ିଆ ବ୍ୟକ୍ତି ଭାଷା ସାହିତ୍ୟର ସୁରକ୍ଷା ଦିଗରେ ଧ୍ୟାନ ଦେବା ସହ ଭାଷା ଓ ସଂସ୍କୃତିର ଗରିମା ବଜାୟ ରଖିବାକୁ ଆହ୍ୱାନ ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ଭଦ୍ରକ ଜିଲା କଳା ସଂସ୍କୃତି ସଂଘର ଉପସଭାପତି ସୁବାସ ଚନ୍ଦ୍ର ମଲିକ, ଅନ୍ୟତମ ଅତିଥି ଭାବେ ସାପ୍ତାହିକ ଖବରକାଗଜର ସମ୍ପାଦକ ଇଂ. ଜଗଦୀଶ ମିଶ୍ର, ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ଦୟାନିଧି ଦାସ ଓ ବ୍ରହ୍ମାକୁମାରୀ ପ୍ରତିମା ଯୋଗ ଦେଇଥିଲେ।



ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

ଏହି ଅବସରରେ ଡ. ଅଶ୍ୱିନୀ କୁମାର ଶତପଥୀଙ୍କୁ ବେଳାଭୂମି ସାହିତ୍ୟ ସମ୍ମାନ ଓ ଡ. ରାଧାରାଣୀ ମହାପାତ୍ରଙ୍କୁ ମାଟିକବି ପଦ୍ମଲୋଚନ ସ୍ମୃତି ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରିଷଦର ବାର୍ଷିକ ମୁଖପତ୍ର ପୂର୍ବାଶା ସହ ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ଲିଖିତ ପୁସ୍ତକ ଚେତନାର ଚିତ୍ରଲିପି ଓ ଉମେଶ ଚନ୍ଦ୍ର ମହାପାତ୍ରଙ୍କ ଲିଖିତ ପୁସ୍ତକ କବିତା କବରୀ ଉନ୍ମୋଚିତ ହୋଇଥିଲା। କବି ବିକାଶ କୁମାର ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ବ୍ରହ୍ମାକୁମାର ଗଦାଧର ଦାଶ, କବି ରତ୍ନାକର ପଣ୍ଡା, ପ୍ରଦୀପ୍ତ ମହାନ୍ତି, ଯାତ୍ରା କଳାକାର କାଳନ୍ଦୀ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଇଟାଭାଟିରେ ଚାପିହୋଇ ମହିଳା ଶ୍ରମିକ ଗୁରୁତର

**କେନ୍ଦୁଝର, ୨।୪(ସ୍ୱ.ପ୍ର.)**

କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ପୁରୁଣା ସହର ବାଇପାସ ନିକଟରେ ଏକ ଇଟା ଭାଟିରେ କାମ କରୁଥିବା ବେଲ ମୁଣ୍ଡା ନାମ୍ନୀ ଜଣେ ଆଦିବାସୀ ମହିଳା ଦୁର୍ଘଟଣା ଗ୍ରସ୍ତ ହୋଇ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନା ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ତାଙ୍କ ଘର ବାଂଶପାଳ ବ୍ଲକ ଅଞ୍ଚଳେ। ସେ ଶନିବାର ଭାଟିରେ କାମ କରୁଥିବା ସମୟରେ ମେଶିନରେ ତାଙ୍କ ହାତ ଚାପି ହୋଇଯାଇଥିଲା। ତେବେ ଉକ୍ତ ଅଞ୍ଚଳରେ ବହୁ ସଂଖ୍ୟାରେ ଇଟା ଭାଟି ବେଆଇନ ଭାବେ ଚାଲିଥିବାରୁ ପରିବେଶ ପ୍ରଦୂଷଣ ହେବା ସହ ରାଜସ୍ୱ କ୍ଷତି ହେଉଛି। ପ୍ରଶାସନ ଏନେଇ ଜାଣି ଚୁପ୍ ବସିଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ପେଟ ପାଇଁ ଗରିବ ଶ୍ରମିକ ମାନେ କାମ କରିଥିଲେ ହେଁ ସେମାନଙ୍କୁ ସର୍ବ ନିମ୍ନ ମଜୁରୀ, ସୁରକ୍ଷା ସୁବିଧା ମିଳୁ ନାହିଁ। ଏଣୁ ଏନେଇ ପଦକ୍ଷେପ ନେବାକୁ ଦାବି ହେଉଛି।

## 'ରାଷ୍ଟ୍ର ନିର୍ମାଣରେ ଯୁବକଙ୍କ ପ୍ରମୁଖ ଭୂମିକା ରହିଛି'

**ଭଦ୍ରକ ଅଫିସ, ୨।୪**

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଡିଟୋରିୟମ ପରିସରରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ନେବରହୁଡ୍ ଯୁବସଂସଦ ଜିଲାସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଉମାକାନ୍ତ ସାମଲ ଏହାକୁ ଉଦ୍‌ଘାଟନ କରିବା ସହ ରାଷ୍ଟ୍ର ନିର୍ମାଣରେ ଯୁବକମାନଙ୍କର ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଫେସର ଦୁର୍ଗାଶଙ୍କର ଦାସ, ଏନ୍‌ଏସ୍‌ଏସ୍ ଜିଲା ପ୍ରୋଗ୍ରାମ ଅଫିସର ବୀର ରଞ୍ଜନ ଦାସ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ରବୀନ୍ଦ୍ର କୁମାର ସାହୁ, ସପ୍ତମ ବାଟାଲିୟନର ସିନିୟର ଆସିଷ୍ଟାଣ୍ଟ ରବିନାରାୟଣ ପଣ୍ଡା, ଅଧ୍ୟାପକ ପ୍ରଫେସର କମଳାକାନ୍ତ ଜେନା, ଅଧ୍ୟାପକ ଶୁଭେନ୍ଦୁ କୁମାର ବରାଳ ପ୍ରମୁଖ ଯୋଗ ଦେଇଥିଲେ। ନେହେରୁ ଯୁବକେନ୍ଦ୍ରର ଯୁବ ଅଧିକାରୀ ବିଘ୍ନେଶ ଏମ୍ ଏଥିରେ ଅଧ୍ୟକ୍ଷତା କରି ସମାବେଶର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ସମାବେଶରେ ଅଂଶଗ୍ରହଣ କରିଥିଲେ। ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ସତ୍ୟବ୍ରତ ଦାସ, ମାଧବାନନ୍ଦ ନାଥ, ବିକାଶ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସୁରକ୍ଷା ପାଚେରି କାମ ନିମ୍ନମାନର

**ଖଇରା, ୨।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଖଇରା ନଟାପଡା ଆର୍‌ଡି ରାସ୍ତାର ନଟାପଡା ଗ୍ରାମ ନିକଟରେ ଚାଲୁଥିବା ସୁରକ୍ଷା ପାଚେରି ଅତ୍ୟନ୍ତ ନିମ୍ନମାନର ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ପାଚେରିର ସ୍ଥାୟିତ୍ୱ ଉପରେ ପ୍ରଶ୍ନ ଉଠାଇ ଏହାକୁ ତୁରନ୍ତ ବନ୍ଦ କରିବା ସହ ହୋଇସାରିଥିବା କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରିବାକୁ ଗ୍ରାମର ଜିତେନ୍ଦ୍ର ଲେଙ୍କା, ସନ୍ତୋଷ କୁମାର ଜେନା, ମଣିଭଦ୍ର ବେହେରା, ଜୟନ୍ତ କୁମାର ଲେଙ୍କା, ଅବିନାଶ ରାଉତ, ନିଶିକାନ୍ତ ମହାନ୍ତି ପ୍ରମୁଖ ଦାବି କରିଛନ୍ତି। ୨ଶହ ମିଟର ସୁରକ୍ଷା ପାଚେରି ତଥା ଏକ କଲଭର୍ଟ ନିର୍ମାଣ ପାଇଁ ପାଖାପାଖି ୪୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା।



ଗ୍ରାମବାସୀ ନିମ୍ନମାନର ପାଚେରି କାମ ଦେଖାଉଛନ୍ତି।

୮ମାସ ପୂର୍ବରୁ ଟେଣ୍ଡର କାର୍ଯ୍ୟ ଶେଷ ହୋଇ ସାରିଥିଲେ ହେଁ ଠିକାଦାର ଅନ୍ୟୁନ ୬ଦିନ ତଳେ ମାର୍ଚ୍ଚ ଆର୍ଥିକ ବର୍ଷ ଶେଷରେ ବିଲ୍ ଉଠାଇନେବା ଲକ୍ଷ୍ୟରେ ଉକ୍ତ କାର୍ଯ୍ୟକୁ ତରବରିଆ ଭାବେ ଆରମ୍ଭ କରିଛନ୍ତି । ୮ଇଞ୍ଚର ବେସ ପାଇଁ ନିର୍ଦ୍ଦେଶ ଥିବା ବେଳେ ଏହାକୁ ୪ଇଞ୍ଚରୁ ୫ ଇଞ୍ଚ ରଖାଯାଉଥିବା, ନିଡଲ ଭାଇବ୍ରେଟର ବଦଳରେ ବାଉଁଶବାଡି ବ୍ୟବହାର, ନିମ୍ନମାନର କଞ୍ଚାମାଲ,

### ଭିଜିଲାନ୍ସ ତଦନ୍ତ ଦାବି

ବାଲି ଫିଲିଂ ବଦଳରେ ମାଟି ଫିଲିଂ ବ୍ୟବହାର କରାଯାଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ମାସ ମାସ ତଳୁ ଚୁକ୍ତି ସରିଥିବା ବେଳେ ହଠାତ୍ ମାର୍ଚ୍ଚ ମାସରେ କାମ ଆରମ୍ଭ କରାଯିବା ଘଟଣାକୁ ନେଇ ସାଧାରଣରେ ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି । ଗ୍ରାମବାସୀ କାର୍ଯ୍ୟସ୍ଥଳକୁ ଯାଇ ଠିକାଦାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଥିଲେ ମଧ୍ୟ ଠିକାଦାର ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀ କହିଛନ୍ତି । ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ପ୍ରିୟରଞ୍ଜନ ବେହେରାଙ୍କୁ ଯୋଗାଯୋଗ କରିବାରେ କନିଷ୍ଠଯନ୍ତ୍ରୀଙ୍କୁ ପଠାଇ ଏହାର ତଦନ୍ତ କରିବେ ବୋଲି କହିଛନ୍ତି ।

ଧରିତ୍ରୀ
DHARITRI
ରବିବାର, ୩ ଏପ୍ରିଲ୍, ୨୦୨୨



## ସଂକ୍ଷେପରେ

### ୨୨୨ ୟୁନିଟ୍ ରକ୍ତ ସଂଗ୍ରହ



ଖମାର, ୨।୪(ଡି.ଏନ.ଏ.)-ପାଲଲହଡ଼ା ଉପଖଣ୍ଡ ଥାନା ପୋଲିସ ଦ୍ୱାରା ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ପାଲଲହଡ଼ା ଏସ୍‌ଡିପିଓ ସୁମନ ରଞ୍ଜିତା ସିଂ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ୍ ୨୨୨ୟୁନିଟ୍ ରକ୍ତସଂଗ୍ରହ ହୋଇଥିଲା। ଖମାର, ରେଙ୍ଗାଲି, କଣିହାଁ, ପାଲଲହଡ଼ା ପୋଲିସ କର୍ମଚାରୀ, ଅନ୍ୟ ସାଧାରଣ ଲୋକ ଏହି ରକ୍ତଦାନ ଶିବିରରେ ରକ୍ତଦାନ କରିଥିଲେ। ଅନୁଗୋଳ ରକ୍ତଭଣ୍ଡାର ବ୍ୟାଙ୍କ କର୍ମଚାରୀ ସହଯୋଗ କରିଥିଲେ। ପାଲଲହଡ଼ା ଥାନା ଆଇଆଇସି ବାରା ଟୁଡୁ, କଣିହାଁ ଥାନା ଅଧିକାରୀ କିଶୋର କୁମାର ସାମଲ, ରେଙ୍ଗାଲି ଥାନା ଅଧିକାରୀ ଅନାମ ଲାକ୍ରା, ଖମାର ଥାନା ଅଧିକାରୀ ପ୍ରୀତି ମଞ୍ଜରୀ ମେଣ୍ଡୁଲି ପ୍ରମୁଖ ଉପସ୍ଥିତ ଥିଲେ।

### ଉତ୍କଳ ସମ୍ମିଳନୀ ଉପରେ ଆଲୋଚନା

ଅନୁଗୋଳ ଅଫିସ,୨।୪: ଅନୁଗୋଳ ବାଜିରାଉତ ଛାତ୍ରାବାସଠାରେ ଓଡ଼ିଶା ଦିବସ ପାଳିତ ହୋଇଛି। ଏହି ଅବସରରେ ଓଡ଼ିଶା ଦିବସ ପାଳନର ଉଦ୍ଦେଶ୍ୟ, ଉତ୍କଳ ସମ୍ମିଳନୀର ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉତ୍କଳ ସମ୍ମିଳନୀ ଜିଲା ସମ୍ପାଦକ ଇଂ. ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅତିଥି ଭାବେ ଜିଲା ସଭାପତି ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଉତ୍କଳ ଗୌରବ ମଧୁସୂଦନ ଏବଂ ଉତ୍କଳମଣି ଗୋପବନ୍ଧୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଏକ କୁଇଜ୍ ପ୍ରତିଯୋଗିତା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଲିପିକା ମହାପାତ୍ର ପରିଚାଳନା କରିଥିଲେ। ସରସ୍ୱତୀ ସ୍ୱାଇଁ, ଶଙ୍କର ବେହେରା, ଲକ୍ଷ୍ମୀକାନ୍ତ ବିଶ୍ୱାଳ, କ୍ଷୀରୋଦ ବିଶ୍ୱାଳ, ପ୍ରତିମା ନାୟକ, ମାମାଲି ଗଡ଼ନାୟକ, ଗାୟତ୍ରୀ ଗଡ଼ନାୟକ, କିରଣ ମହାରଥା ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସୁଜାତା ପ୍ରୀତିନନ୍ଦା ଧନ୍ୟବାଦ ଅର୍ପଣ କରିଥିଲେ।

### ଆର୍ଯ୍ୟ ସମାଜ ପକ୍ଷରୁ ହିନ୍ଦୁ ନବବର୍ଷ

ତାଳଚେର,୨।୪(ନି.ପ୍ର)-ତାଳଚେର ଆର୍ଯ୍ୟ ସମାଜ ପକ୍ଷରୁ ଡେରା ଗ୍ରାମଠାରେ ହିନ୍ଦୁ ନବବର୍ଷ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଉରକେଲା ବେଦବ୍ୟାସର ଶିବାନନ୍ଦ ତପୋଭୂମିର ପ୍ରତିଷ୍ଠାତା ଡ. ଦେବବ୍ରତ ପଣ୍ଡିତ, ଡାକ୍ତର ହୃଦାନନ୍ଦ ସାହୁ, ଅଧାପକ ଉପେନ୍ଦ୍ର ପରିଡ଼ା, ଜିଲା ପରିଷଦ ସଦସ୍ୟା ରୀତାରାଣୀ ଦାସ, ଯୁବନେତା ମନୋଜ ପ୍ରଧାନ ପ୍ରମୁଖ ଯୋଗ ଦେଇତିଲେ। ଏହି ଅବସରରେ ନବବର୍ଷର ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ତାଳଚେର ଆର୍ଯ୍ୟ ସମାଜର ଭୁବନାନନ୍ଦ ପ୍ରଧାନ ପରିଚାଳନା କରିଥିଲେ। ଆଗାମୀ ଦିନରେ ଅନୁଷ୍ଠାନ ପକ୍ଷରୁ ଗୋସେବା କାର୍ଯ୍ୟକୁ ପ୍ରାଧାନ୍ୟ ଦିଆଯିବ ନିଷ୍ପତି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସାଧୁସନ୍ଥ, ଜନସାଧାରଣ ଯୋଗ ଦେଇଥିଲେ।

# ୧୫ରୁ ପ୍ରସିଦ୍ଧ ହିଙ୍ଗୁଳା ଯାତ୍ରା

- ୬ରେ ଜନ୍ତାଳ ପୂଜା ଆୟୋଜନ ନିଷ୍ପତ୍ତି
- ନିରପେକ୍ଷ ଷ୍ଟଲ ଆବଣ୍ଟନ ଉପରେ ଗୁରୁତ୍ୱ

ତାଳଚେର, ୨।୪(ନି.ପ୍ର.)



କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଏବଂ ଟ୍ରଷ୍ଟର ସଦସ୍ୟମାନେ।

ଦୀର୍ଘ ଦୁଇବର୍ଷ ପରେ ଅନୁଷ୍ଠିତ ହେବ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିସ୍ୱରୂପା ମା’ ହିଙ୍ଗୁଳାଙ୍କ ପ୍ରସିଦ୍ଧ ଯାତ୍ରା। କରୋନା ପ୍ରକୋପ ନ ଥିବାରୁ ଚଳିତବର୍ଷ ପାରମ୍ପରିକ ନୀତି ଅନୁଯାୟୀ ଯାତ୍ରା ଏବଂ ଏବଂ ୧୮ତମ ଲୋକମହୋତ୍ସବ ଆୟୋଜନ କରାଯିବ। ଏଥିଲାଗି ମା’ଙ୍କ ପୀଠ ପରିସରରେ ଥିବା ସମ୍ମିଳନୀ କକ୍ଷରେ ଶନିବାର ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୧୫ ତାରିଖରେ ହିଙ୍ଗୁଳା ଯାତ୍ରା ଏବଂ ଏଥିପୂର୍ବରୁ ୬ ତାରିଖର ଜନ୍ତାଳ ପୂଜା ଆୟୋଜନ କରିବାକୁ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଛି।

ତାଳଚେର ଉପଜିଲାପାଳ ତଥା ମା’ ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ବିଶ୍ୱରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜା ରାଜେନ୍ଦ୍ର ଚନ୍ଦ୍ର ଦେବ ବୀରବର ହରିଚନ୍ଦନ, ବରିଷ୍ଠ ଟ୍ରଷ୍ଟବୋର୍ଡ ସଦସ୍ୟ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ବିଧାୟକ ବ୍ରଜକିଶୋର ପ୍ରଧାନ, ଏମ୍‌ସିଏଲ୍‌ର ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସବ୍‌କମିଟିରେ ଥିବା କେତେଜଣ ସଦସ୍ୟ ନିଷ୍କ୍ରିୟ ରହୁଛନ୍ତି। ତେଣୁ ପ୍ରତି ବିଭାଗର ସବ୍‌କମିଟି ପୁନର୍ଗଠନ କରାଯାଇଛି। ମା’ଙ୍କ ଉଭାସ୍ଥଳୀ ଦାୟିତ୍ୱ ଟ୍ରଷ୍ଟବୋର୍ଡ ସଦସ୍ୟ ସନ୍ତୋଷ ପ୍ରଧାନ, ରାଜେନ୍ଦ୍ର ସିଂକୁ ଅର୍ପଣ କରାଯାଇଛି। ଉପଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହେବ ବୋଲି ଟ୍ରଷ୍ଟ ବୋର୍ଡ ସଦସ୍ୟ ମୁରଲୀଧର ସାହୁ ଆଣିଥିବା ପ୍ରସ୍ତାବ ଗୃହୀତ ହୋଇଛି। ଯାତ୍ରାର ଅତିରିକ୍ତ ଖର୍ଚ୍ଚ ଏମ୍‌ସିଏଲ୍ ବହନ କରିବ ବୋଲି ବିଧାୟକ ପ୍ରସ୍ତାବ ଦେଇଛନ୍ତି। ଚଳିତ ବର୍ଷ ଉଭାସ୍ଥଳୀରେ ୨୫ ଷ୍ଟଲ୍, ସୂଚନା କେନ୍ଦ୍ର ଏବଂ ପ୍ରାଥମିକ ଚିକିତ୍ସା ନିମନ୍ତେ ୨ ସ୍ୱତନ୍ତ୍ର ଷ୍ଟଲ୍ ନିର୍ମାଣ କରିବା, ପୂର୍ବବର୍ଷ ତୁଳନାରେ ଷ୍ଟଲ୍ ସଂଖ୍ୟା ହ୍ରାସ, ଷ୍ଟଲ୍ ବଣ୍ଟନକୁ ନିରପେକ୍ଷ କରିବା ଏବଂ ବିଭାଗୀକରଣ କରାଯାଇ ବଣ୍ଟନ କରିବାକୁ ଟ୍ରଷ୍ଟବୋର୍ଡ ସଦସ୍ୟ ସନ୍ତୋଷ ପ୍ରଧାନ, ସିଦ୍ଧେଶ୍ୱର ପ୍ରଧାନ, ଗଗନ ବିହାରୀ ସାହୁ, ଏସ୍‌ଡିପିଓ ସ୍ୱାମୀ ଏସ୍. କୁମାର ପ୍ରସ୍ତାବ ଦେଇଥିଲେ। ନନ୍ଦିରା କୋଲିୟାରିକୁ ଷ୍ଟଲ ନିର୍ମାଣ ଓ ସାଉଣ୍ଡ ବ୍ୟବସ୍ଥା, ଭୁବନେଶ୍ୱରୀ ଓସିପିକୁ କୁଲର ଓ ପଙ୍ଖାର ବ୍ୟବସ୍ଥା, ହିଙ୍ଗୁଳା କ୍ଷେତ୍ରକୁ ଲୋକ ମହୋତ୍ସବ ରଙ୍ଗମଞ୍ଚ ଏବଂ ଆଲୋକୀକରଣ ବ୍ୟବସ୍ଥା ଦାୟିତ୍ୱ ଦିଆଯାଇଛି। ଜଗନ୍ନାଥ କ୍ଷେତ୍ରର ସମସ୍ତ ଖଣି କର୍ମଚାରୀ ମା’ଙ୍କ ମନ୍ଦିର ନିର୍ମାଣ ପାଇଁ ଦିନକର ଦରମା ପ୍ରଦାନ କରିବେ ବୋଲି ମହାପ୍ରବନ୍ଧକ ପି.ବି. ରେଡ୍ଡୀ ସୂଚନା ଦେଇଛନ୍ତି। ୯ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଲୋକ ମହୋତ୍ସବରେ ବିଭିନ୍ନ ଅଞ୍ଚଳରୁ ଲୋକନୃତ୍ୟ ଦଳକୁ ଆମନ୍ତ୍ରଣ କରାଯିବ। ଟ୍ୟାଲେଣ୍ଟ ସର୍ଚ୍ଚ ମାଧ୍ୟମରେ ଚୟନ ଆଞ୍ଚଳିକ କଳାକାରଙ୍କୁ ଲୋକମହୋତ୍ସବରେ ଭାଗ ନେବାକୁ ସୁଯୋଗ ଦିଆଯିବ। ତାଳଚେର ବିଡିଓଙ୍କ ତତ୍ତ୍ୱାବଧାନରେ ଏକ ସଫେଇ ସବ୍‌କମିଟି କାର୍ଯ୍ୟ କରିବ। ଯାତ୍ରାର ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯିବ। ଏହି ଉପଲକ୍ଷେ ମା’ ହିଙ୍ଗୁଳାଙ୍କ ଭବ୍ୟ ମନ୍ଦିର ନିର୍ମାଣ ନିମନ୍ତେ ସୋଲଡା ଟ୍ରକ ମାଲିକ ସଂଘ ପକ୍ଷରୁ ୧୧ ଲକ୍ଷ ୧୧ହଜାର ୧୦୧ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ସଂଘର ସଭାପତି ଗୁଣ୍ଡିଚା ସାହୁ, ବିଦ୍ୟାଧର ବେହେରା, ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର ଗେଷ୍ଟହାଉସ୍ ପାଇଁ ଏମ୍‌ସିଏଲ୍ ଠିକାଦାର ସଂଘ ପକ୍ଷରୁ ୫ଟି ଏସି ପ୍ରଦାନ କରାଯିବ ବୋଲି ସମ୍ପାଦକ ନରହରି ସାହୁ ଘୋଷଣା କରିଛନ୍ତି। ଶେଷରେ ଟ୍ରଷ୍ଟବୋର୍ଡ ସଦସ୍ୟ ସଞ୍ଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ତାଳଚେର ଯୁବରାଜ ବିଜେୟନ୍ଦ୍ର ଦେବ, ଏମ୍‌ପିଙ୍କ ପ୍ରତିନିଧି ସୁନୀଲ ପ୍ରଧାନ, ବିଡିଓ ଶିବଶଙ୍କର ମିଶ୍ର, ତହସିଲଦାର ମନ୍ମଥ ନାୟକ, ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ମନୋଜ ପାଣି, ହିଙ୍ଗୁଳା ଜିଏମ୍ ଏ.କେ. ସ୍ୱର୍ଣ୍ଣକର, ଲିଙ୍ଗରାଜ କ୍ଷେତ୍ର ଜିଏମ୍ ଏ.କେ. ଧଳ, ତାଳଚେର ବ୍ଲକ ଉପାଧ୍ୟକ୍ଷ ଆଞ୍ଚଳ ପ୍ରଧାନ, ଜିଲା ପରିଷଦ ସଦସ୍ୟ ଅମୀୟ ପ୍ରଧାନଙ୍କ ସମେତ ଟ୍ରଷ୍ଟ ବୋର୍ଡ ସଦସ୍ୟ, ଖଣି ଅଧିକାରୀ, ଅଞ୍ଚଳର ଜନପ୍ରତିନିଧି ଉପସ୍ଥିତ ଥିଲେ।

# ଶିକ୍ଷକ ଇଣ୍ଟରନେଟ୍ ବ୍ୟବହାର ଜାଣିବା ଜରୁରୀ

ଅନୁଗୋଳ ଅଫିସ,୨।୪

ଜିଲା ମିନେରାଲ ଫାଉଣ୍ଡେଶନ, ପିରାମାଲ ଫାଉଣ୍ଡେସନ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନୁଗୋଳ ଆନୁକୂଲ୍ୟରେ ଗତ ୨୮ ତାରିଖରୁ ଆରମ୍ଭ ହୋଇଥିବା ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଶେଷ ହୋଇଛି। ମୁଖ୍ୟତଃ ଶ୍ରେଣୀଗୃହରେ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଓ ସ୍ମାର୍ଟ କ୍ଲାସ୍ ରୁମର ବ୍ୟବହାର ସମ୍ପର୍କରେ ତାଲିମ୍ ପ୍ରଦାନ କରାଯାଇଥିଲା। ଏଥିରେ ୪୦୦ ଜଣ ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଯୋଗଦେଇ କହିଲେ, ଛାତ୍ରୀଛାତ୍ରମାନଙ୍କ ସାମଗ୍ରିକ ବିକାଶ କରିବାକୁ ହେଲେ ଶିକ୍ଷକମାନେ ଇଣ୍ଟରନେଟର ବ୍ୟବହାର ଜାଣିବା ଆବଶ୍ୟକ। ପିଲାମାନଙ୍କୁ ଶିକ୍ଷା ଦେବା ବିଧେୟ ବୋଲି ସେ ମତପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଡିଏମ୍‌ଏଫର ଶିକ୍ଷା ବିଶେଷଜ୍ଞ ସାଜିଦ୍ ଆନସାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ମୁଖ୍ୟ ଲୋପାମୁଦ୍ରା ମହାରଣାଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକମାନେ।

# ହିନ୍ଦୁ ନବବର୍ଷ ପାଳିତ



ବଇଣ୍ଡାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ।

ବଇଣ୍ଡା/ବନ୍ତଳା, ୨।୪(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଶିଶୁମନ୍ଦିରରେ ଶନିବାର ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ରନାଥ ଜେନାଙ୍କ ସଭାପତିତ୍ୱରେ ପ୍ରାରମ୍ଭରେ ପୂଜାର୍ଚ୍ଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଶିକ୍ଷକ ନିତ୍ୟାନନ୍ଦ ବାରିକ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୩୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବାବେଳେ ଚିତ୍ତାକର୍ଷକ ନୃତ୍ୟ ପ୍ରମୁଖ ଆକର୍ଷଣ ସାଜିଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ବିନିତା ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବୁଲୁ ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜ୍ୟୋସ୍ନାମୟୀ ପ୍ରଧାନ, ଜୟଶ୍ରୀ ପ୍ରଧାନ, ଅନ୍ନପୂର୍ଣ୍ଣା ରାଉତ, ମିନାକ୍ଷୀ ପ୍ରଧାନ, ଗୌରୀ ଶତପଥୀ, ସୁରେଶ ପ୍ରଧାନ, ବାପୁଜୀ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ଅନୁଗୋଳ ଜିଲା ବଜରଙ୍ଗ ଦଳ ପକ୍ଷରୁ ଆଡମ୍ବର ସହକାରେ ହିନ୍ଦୁ ନବବର୍ଷ ପାଳିତ ହୋଇଛି। ଏହି ଉପଲକ୍ଷେ ବନ୍ତଳା ରାମ ମନ୍ଦିରରେ ସାମୂହିକ ଦୀପଦାନ କରାଯାଇଥିଲା। ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ଭାରତ ମାତା ଫଟୋଚିତ୍ରକୁ ନଗର ପରିକ୍ରମା କରାଯାଇଥିଲା। ମହିଳାମାନେ ବନ୍ଦାପନା କରି ଶୋଭାଯାତ୍ରାକୁ ସ୍ୱାଗତ କରିଥିଲେ। ବିଶ୍ୱ ହିନ୍ଦୁ ପରିଷଦର ପୂର୍ବ ଓଡ଼ିଶା ସଭାପତି ପଣ୍ଡିତ ମହେଶ ସାହୁଙ୍କ ନେତୃତ୍ୱରେ ଜିଲା ସଂଯୋଜକ ପ୍ରଭାତ ବାରିକ, ସହସଂଯୋଜକ ରାହୁଲ ଅନୁରାଗ, ଅମୀର ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ଇ-ଫାଇଲିଂ ଭର୍ସନ ୩.୦ ଉଦ୍‌ଘାଟିତ

କଟକ ଅଫିସ,୨।୪

କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀ ସଭାଗୃହରେ ଇ-ଫାଇଲିଂ ଭର୍ସନ ୩.୦, ଭଲନରେବୁଲ ୱିଟନେସ୍ ଡିପୋଜିଶନ୍ ସେଣ୍ଟର୍ସ ଆଣ୍ଡ୍ ଭର୍ଚୁଆଲ୍ କୋର୍ଟ ରୁମ୍‌ସ ଆଣ୍ଡ୍ ଓଡ଼ିଶା ଜୁଡିସିଆଲ ୱାର୍କ ଫ୍ଲୋ ଅଟୋମେଶନ ସିଷ୍ଟମ ଶନିବାର ଉଦ୍‌ଘାଟିତ ହୋଇଛି। ଏଥିରେ ସୁପ୍ରିମକୋର୍ଟ ବିଚାରପତି ଡି.ୱାଇ. ଚନ୍ଦ୍ରଚୁଡ, ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର, ଇ-କମିଟି ଅଧ୍ୟକ୍ଷ ଜଷ୍ଟିସ ଆର୍.ସି. ଚଭନ, ଜମ୍ମୁ-କଶ୍ମୀର ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଗୀତା ମିତଲ, ଓଡ଼ିଶା ହାଇକୋର୍ଟର ସମସ୍ତ ବିଚାରପତି, ଆଡ୍‌ଭୋକେଟ୍ ଜେନେରାଲ, ହାଇକୋର୍ଟ ବାର୍ ଆସୋସିଏଶନର କର୍ମକର୍ତ୍ତା, କଟକ ମହାନଗର ନିଗମ କମିଶନର ଅନନ୍ୟା ଦାସ, ଡିସିପି ପ୍ରତୀକ ସିଂ ପ୍ରମୁଖ ଯୋଗ ଦେଇଥିଲେ।

ଇ-ଫାଇଲିଂ ଭର୍ସନ ୩.୦ ହେଉଛି ଏନ୍‌ଆଇସି ଦ୍ୱାରା ପ୍ରସ୍ତୁତ ସୁବୁଠୁ ଅଧିକ ଫଳପ୍ରଦ ବ୍ୟବସ୍ଥା । ଏହି ଭର୍ସନ ଲାଗୁ କରିବାରେ ଓଡ଼ିଶା ହାଇକୋର୍ଟ ଦେଶର ପ୍ରଥମ ବୋଲି ଓଡ଼ିଶା ଜୁଡିସିଆଲ ଏକାଡେମୀ ପକ୍ଷରୁ ଜାରି ହୋଇଥିବା ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି। ଏହାଦ୍ୱାରା ସମସ୍ତ ଓକିଲ ଓ ମହକିଲମାନେ ଉପକୃତ ହେବେ। ଏହି ବ୍ୟବସ୍ଥା ରାଜ୍ୟର ସମସ୍ତ ଜିଲା ଜଜ୍ କୋର୍ଟ ଓ ତାଲୁକ୍ ସ୍ତରରେ ଉପଲବ୍ଧ ହେବ।

# ସମ୍ମାନିତ ହେଲେ ୩୨ ମେଧାବୀ



ଅତିଥିଙ୍କ ଗହଣରେ ସମ୍ମାନିତ ହୋଇଥିବା ମେଧାବୀ ଛାତ୍ରୀଛାତ୍ରମାନେ।

କଣିହାଁ, ୨।୪(ଡି.ଏନ୍.ଏ.)

କଣିହାଁ ବ୍ଲକ ବିଜିଗୋଳ ଆଞ୍ଚଳିକ ବିଦ୍ୟାର୍ଥୀ କଲ୍ୟାଣ ପରିଷଦ ପକ୍ଷରୁ ଓଡ଼ିଶା ଦିବସ ଉପଲକ୍ଷେ ୧୦ମ ମେଧାବୃତ୍ତି ପୁରସ୍କାର ବିତରଣୀ ଉତ୍ସବ ସ୍ଥାନୀୟ କାଣ୍ଡସର ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମଚରଣ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପବିତ୍ରମୋହନ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦାଶରଥି ଜେନା, ମୁଖ୍ୟବକ୍ତା ଭାରପ୍ରାପ୍ତ ବିଇଓ ମଙ୍ଗୁଳୁ ଚରଣ ପ୍ରଧାନ, ସମ୍ମାନିତ ଅତିଥି ଆଇନ ପରାମର୍ଶଦାତା ଚିତ୍ତରଞ୍ଜନ ମିଶ୍ର, ଉପଦେଷ୍ଟା ସୁକାନ୍ତ ଚନ୍ଦ୍ର ପ୍ରଧାନ, ବେଣୁଧର ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୨୦୧୯-୨୦ ଶିକ୍ଷାବର୍ଷରେ ମେଧା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୧୪ଜଣ ଏବଂ ୨୦୨୧-୨୨ ବର୍ଷରେ ବିଭିନ୍ନ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ୧୬ ଛାତ୍ରୀଛାତ୍ରଙ୍କୁ ମାନପତ୍ର, ପଦକ ସହିତ ନଗଦ ଅର୍ଥରାଶି ଦେଇ ପୁରସ୍କୃତ କରାଯାଇଥିଲା। ୨ଜଣ ମାଟ୍ରିକ୍ ଟପ୍ପରଙ୍କୁ ‘ଆର୍ତ୍ତତ୍ରାଣ ସ୍ମାରକୀ ସମ୍ମାନ’ ଏବଂ ‘ଅବିନାଶ ସ୍ମାରକୀ ସମ୍ମାନ’ ପ୍ରଦାନ କରାଯାଇଥିଲା। ଦଣ୍ଡସିଂହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହାତିଆଦଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୋଡ଼ାସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବେ ସମ୍ମାନିତ ହୋଇଥିଲେ। ପରିଷଦର ସମ୍ପାଦକ ଋଷଭ ବେହେରା, ସହ ସମ୍ପାଦକ ମୁନା ନାଏକ, କୋଷାଧ୍ୟକ୍ଷ ଅମରେନ୍ଦ୍ର ମହାପାତ୍ର, ଉପ ସଭାପତି ବିଶିକା ଗଡ଼ନାୟକ, ପ୍ରତିମା ନନ୍ଦ, ସିଆରସିସି ସନ୍ତୋଷ ମିଶ୍ର, ଶୁଧାଂଶୁ ସେନାପତି, ପ୍ରଧାନ ଶିକ୍ଷକ ସନ୍ତୋଷ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଢେଙ୍କାନାଳ କସ୍‌ମସ୍, ଯାଜପୁର ବିଜୟୀ



ଉଦ୍‌ଘାଟନୀ ମ୍ୟାଚର ଦୁଇ ଦଳର ଖେଳାଳିମାନେ।

ଢେଙ୍କାନାଳ ଅଫିସ, ୨।୪

- ରାଜ୍ୟସ୍ତରୀୟ ସଚ୍ଚିଦାନନ୍ଦ-ଶରତ ଚନ୍ଦ୍ର ମେମୋରିଆଲ କ୍ରିକେଟ୍

ଢେଙ୍କାନାଳ ଷ୍ଟାଡିୟମ୍‌ରେ ଶନିବାରଠାରୁ ଆରମ୍ଭ ହୋଇଛି ପ୍ରଥମ ସଚ୍ଚିଦାନନ୍ଦ-ଶରତଚନ୍ଦ୍ର ମେମୋରିଆଲ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଢେଙ୍କାନାଳ କସମସ୍ ଓ ଯାଜପୁର ଟିମ୍ ବିଜୟୀ ହୋଇଛନ୍ତି।

ପ୍ରଥମ ମ୍ୟାଚରେ ଢେଙ୍କାନାଳ କସମସ୍ ଦଳ ନିର୍ଦ୍ଧାରିତ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୨୦୭ ରନ୍ କରିଥିଲା। ଜବାବରେ ଅନୁଗୋଳ ଟିମ୍ ୧୬.୨ ଓଭରରେ ୧୭୧ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଦଳର ଏମ୍‌ଡି ସୁଲେମାନ ‘ମ୍ୟାନ୍ ଅଫ୍ ଦି ମ୍ୟାଚ୍’ ବିବେଚିତ ହୋଇଥିଲେ। ବିଭୂତି ପଟ୍ଟନାୟକ, ସୌମେନ୍ଦ୍ର ପାତ୍ର ଓ ଜିତେନ୍ଦ୍ର ସେନାପତି ମ୍ୟାଚ୍ ପରିଚାଳନା କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ କଟକର ରାଇଜିଂ ଷ୍ଟୁଡେଣ୍ଟ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୪ ଉଇକେଟ ହରାଇ ୧୯୭ ରନ୍ ସଂଗ୍ରହ କରିଥିଲା। ଯାଜପୁର ୧୮ ଓଭରରେ ୧୯୮ ରନ୍ କରି ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ସୌମେନ୍ଦ୍ର ପାତ୍ର, ଅମିୟ ଭୂଷଣ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ରବିବାର ପ୍ରଥମ ମ୍ୟାଚ କଟକ ସୋଲାର ଓ ଢେଙ୍କାନାଳର କସ୍‌ମସ୍ ମଧ୍ୟରେ ଅନୁଷ୍ଠିତ ହେବ। ବିଜୟୀ ଦଳ ଅପରାହ୍ନରେ ଯାଜପୁର ସହିତ ଫାଇନାଲ ମ୍ୟାଚ୍ ଖେଳିବ। ପ୍ରତିଯୋଗୀତାକୁ ଜିଲା କ୍ରୀଡା ସଂସଦ ଉପସଭାପତି ସଞ୍ଜୟ ଭଞ୍ଜ ଉଦ୍‌ଘାଟନ କରିଥିଲେ। ତନ୍ମୟ ମହାନ୍ତି ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଛନ୍ତି।

# କୁକୁଡ଼ା ଫାର୍ମ ପ୍ରଦୂଷଣ ବିବାଦ ବଢ଼ିଲା

ଭାପୁର, ୨।୪(ଡି.ଏନ୍.ଏ.)

- ଆଲୋଚନା ନିଷ୍ଫଳ, ଆନ୍ଦୋଳନ ଚେତାବନୀ

ଢେଙ୍କାନାଳ ଜିଲା ସଦର ବ୍ଲକ ମହୁଲପୁଞ୍ଜି ଗ୍ରାମ ନିକଟରେ ଥିବା ଏକ କୁକୁଡ଼ା ଫାର୍ମକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଶୁକ୍ରବାର ଅଞ୍ଚଳବାସୀ, ଫାର୍ମ ମାଲିକ ଏବଂ ପ୍ରଶାସନ ମଧ୍ୟରେ ତ୍ରିପାକ୍ଷିକ ବୈଠକ ବସିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଜିଲାପାଳ ଏଥିରେ ହସ୍ତକ୍ଷେପ ନ ଗଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ଫାର୍ମ ଯୋଗୁ ପ୍ରଦୂଷଣ ବଢୁଛି। ଦୁର୍ଗନ୍ଧରେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଏପରି କି ସମସ୍ୟାର ସମାଧାନ ନ ହେଲେ ପଞ୍ଚାୟତ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଥିଲେ। ମତଦାନ ଦିନ ଜିଲାପାଳ ଘଟଣାରେ ହସ୍ତକ୍ଷେପ କରିବା ସହିତ ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେବା ପରେ ଭୋଟଦାନ ପ୍ରକ୍ରିୟା ସ୍ୱାଭାବିକ ହୋଇଥିଲା। ତେବେ ଜିଲାପାଳଙ୍କ ପ୍ରତିଶ୍ରୁତିକୁ ମାସେ ବିତିଥିବାବେଳେ କୁକୁଡ଼ା ଫାର୍ମ ହଟାଇବା ଦିଗରେ କୌଣସି ପଦକ୍ଷେପ ନିଆଗଲାନାହିଁ। ଏହାକୁ ନେଇ ପୁଣି ଅସନ୍ତୋଷ ତେଜିବା ପରେ ଶୁକ୍ରବାର ଅପରାହ୍ନରେ ଗ୍ରାମ ଯାତ୍ରା ପଡ଼ିଆରେ ତହସିଲଦାର ଅନୁପମା ମୁର୍ମୁଙ୍କ ଅଧ୍ୟକ୍ଷତାରେ ଗ୍ରାମବାସୀ, ଫାର୍ମ ମାଲିକ, ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ, ସିଡିଭିଓ ଏବଂ ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ହେଲେ ଗ୍ରାମବାସୀ ଏବଂ ଫାର୍ମ ମାଲିକ ନିଜ ଜିଦ୍‌ରେ ଅଟଳ ରହିବାକୁ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ଜିଲା ପ୍ରଶାସନ ପକ୍ଷରୁ ଏହାର ସମାଧାନ କରା ନ ଗଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ବୈଠକରେ ଉପସ୍ଥିତ ଗ୍ରାମବାସୀ।

